ଜାତୀୟ ଚେତନା

ଅଭିବ୍ୟକ୍ତିର ଶାଣିତ ସ୍ୱର

RNI Regd No: ODIODI/2017/74521

JATIYA CHETANA

ODIA WEEKLY

ବର୍ଷ-୧୦ ◆ ସଂଖ୍ୟା- ୧୨ ◆ ଭୁବନେଶ୍ୱର ◆ ସୋମବାର ◆ ନଭେମ୍ବର ୦୯ରୁ ନଭେମ୍ବର ୧୫, ୨୦୨୬ ◆ ପୃଷ୍ଠା-୮ ◆ ମୂଲ୍ୟ- ୪ ଟଙ୍କା

Volume-10 ◆ Issue-12 ◆ Bhubaneswar ◆ Monday ◆ November 09 to November 15, 2026 ◆ Page-8 ◆ Price Rs.4.00

ବନ୍ୟା ବିପନ୍ନଙ୍କ ଦୁର୍ଦ୍ଦଶାରୁ ନିର୍ବାଚନୀ ରଣନୀତି

ଓଡ଼ିଶା ରାଜନୀତିରେ ନୂଆ ସମୀକରଣ

- ଚାଷୀଙ୍କ ରଣଛାଡ଼ ଦାବିରେ କଂଗ୍ରେସର ଚାପ
- ଜନସମର୍ଥନ ଫେରାଇବାକୁ ବିଜେଡିର ଉଦ୍ୟମ
- ଦୁଇ ବର୍ଷର ଶାସନର ହିସାବ ଦେବ ବିଜେପି

ଭୁବନେଶ୍ୱର, (ଜା.ପ୍ର:) ରାଜ୍ୟର ଦକ୍ଷିଣ ଓଡ଼ିଶାରେ ସାମ୍ପ୍ରତିକ ବନ୍ୟା ଓ ଭୂସ୍ଖଳନ ଜନଜୀବନକୁ ଗୁରୁତର ଭାବେ ପ୍ରଭାବିତ କରିଥିବାବେଳେ ଏହା ଏବେ ରାଜ୍ୟ ରାଜନୀତିର ଏକ ପ୍ରମୁଖ ପ୍ରସଙ୍ଗ ପାଲଟିଛି। ବିପନ୍ନଙ୍କ ଦୁର୍ଦ୍ଦଶା, ଚାଷୀଙ୍କ ଫସଲ କ୍ଷତି, ରିଲିଫ୍ ଓ ଥଇଥାନ ବ୍ୟବସ୍ଥାକୁ ନେଇ ଶାସକ ବିଜେପି ଓ ବିରୋଧୀ ବିଜେଡି-କଂଗ୍ରେସ ମଧ୍ୟରେ ରାଜନୈତିକ ତତ୍ପରତା ବଢ଼ିଛି।

ବନ୍ୟାଞ୍ଚଳ ପରିଦର୍ଶନ କରି ପ୍ରଦେଶ କଂଗ୍ରେସ ସଭାପତି ଭକ୍ତଚରଣ ଦାସ ଚାଷୀଙ୍କ କୃଷି ଋଣ ସମ୍ପୂର୍ଣ୍ଣ ଛାଡ଼, ଫସଲ କ୍ଷତିର ଉଚିତ କ୍ଷତିପୂରଣ ଏବଂ ଭୂସ୍ଖଳନରେ ମୃତକଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା ସହାୟତା ଦାବି କରିଛନ୍ତି। ଗଞ୍ଜାମ ଜିଲ୍ଲାର ବିଭିନ୍ନ ବନ୍ୟାଞ୍ଚଳ ପରିଦର୍ଶନ ପରେ କଂଗ୍ରେସର ଏହି ଦାବି ଚାଷୀ ଓ ବିପନ୍ନଙ୍କ ସମସ୍ୟାକୁ ରାଜନୈତିକ ବିତର୍କର କେନ୍ଦ୍ରକୁ ଆଣିଛି।

ଅନ୍ୟପକ୍ଷରେ ବିଜେଡି ସଭାପତି ତଥା ବିରୋଧି ଦଳର ନେତା ନବୀନ ପଟ୍ଟନାୟକଙ୍କ ଗଞ୍ଜାମ ଗସ୍ତକୁ ମଧ୍ୟ ରାଜନୈତିକ ଦୃଷ୍ଟିରୁ ବେଶ୍ ଗୁରୁତ୍ୱ ଦିଆଯାଉଛି। ଦଳର ପାରମ୍ପରିକ ଗଡ଼ ଭାବେ ପରିଚିତ ଗଞ୍ଜାମରେ ନବୀନଙ୍କ ଉପସ୍ଥିତି ଜନସମ୍ପର୍କ ପୁନଃସ୍ଥାପନ ଓ ହଜିଥିବା ରାଜନୈତିକ ଆଧାର ଫେରାଇବାର ଏକ ପ୍ରୟାସ ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି।







ଆଗାମୀ ୨୦୨୬ ମସିହାରେ ପଞ୍ଚାୟତ ଓ ପୌର ନିର୍ବାଚନ ରାଜ୍ୟର ରାଜନୈତିକ ଦଳଗୁଡ଼ିକ ପାଇଁ ଏକ ବଡ଼ ଅଗ୍ନିପରୀକ୍ଷା ହେବାକୁ ଯାଉଛି। ନିର୍ବାଚନ କମିଶନଙ୍କ ପ୍ରସ୍ତୁତି ଅନୁସାରେ ପଞ୍ଚାୟତ ନିର୍ବାଚନ ଏପ୍ରିଲ ଏବଂ ପୌର ନିର୍ବାଚନ ମେ' ୨୦୨୬ ସୁଦ୍ଧା ସମ୍ପନ୍ନ କରିବାର ଲକ୍ଷ୍ୟ ରହିଛି। ତେଣୁ ଏହାକୁ ଆଖି ଆଗରେ ରଖି ଦଳଗୁଡ଼ିକ ଏବେଠାରୁ ନିଜ ନିଜର ସାଂଗଠନିକ ଶକ୍ତି ବୃଦ୍ଧି ଓ ଜନସମ୍ପର୍କ ଅଭିଯାନ ଉପରେ ଗୁରୁତ୍ୱ ଦେବା ସ୍ୱାଭାବିକ।

୨୦୨୪ରେ ଦୀର୍ଘ ୨୪ ବର୍ଷର ବିଜେଡି ଶାସନର ଅନ୍ତ ଘଟାଇ କ୍ଷମତାକୁ ଆସିଥିବା ବିଜେପି ସରକାର ଏବେ ଜନସାଧାରଣଙ୍କ ଆଶା ଓ ଆକାଂକ୍ଷାର କଷଟି ପଥରରେ ପରୀକ୍ଷିତ ହେଉଛି। ନିର୍ବାଚନୀ ପ୍ରତିଶ୍ରୁତିର କାର୍ଯ୍ୟକାରିତା, ଚାଷୀଙ୍କ ସମସ୍ୟା, ନିଯୁକ୍ତି, ଆଇନଶୃଙ୍ଖଳା, ମହିଳା ସୁରକ୍ଷା ଓ ବିକାଶମୂଳକ କାର୍ଯ୍ୟ ଆଗାମୀ ଦିନରେ ସରକାରଙ୍କ ଲୋକପ୍ରିୟତା ନିର୍ଣ୍ଣୟ କରିବ। ବିପର୍ଯ୍ୟୟ ପରିଚାଳନା ଓ ବିପନ୍ନଙ୍କୁ ତୁରନ୍ତ ସହାୟତା ଯୋଗାଇବା ମଧ୍ୟ ସରକାରଙ୍କ ପାଇଁ ଏକ ବଡ଼ ଆହ୍ୱାନ। ବିଜେଡି ପାଇଁ ଏବେ ସବୁଠାରୁ ବଡ଼ ଆହ୍ୱାନ ହେଉଛି ପରାଜୟ ପରେ ସଂଗଠନକୁ ପୁନର୍ଗଠନ କରିବା ଓ ଜନସମର୍ଥନ ଫେରାଇ ଆଣିବା। ଅନ୍ୟପକ୍ଷରେ କଂଗ୍ରେସ ଚାଷୀ, ଶ୍ରମିକ, ଯୁବକ ଓ ସାଧାରଣ ଲୋକଙ୍କ ସମସ୍ୟାକୁ ଆଧାର କରି ନିଜର ହଜିଥିବା ରାଜନୈତିକ ପଡିଆରା ଫେରାଇବାକୁ ଉଦ୍ୟମ କରୁଛି। କିନ୍ତୁ ଏହି ଉଦ୍ୟମ କେବଳ ଗଣମାଧ୍ୟମରେ ବୟାନବାଜିରେ ସୀମିତ ରହିବ ନା ତୃଣମୂଳ ସ୍ତରରେ ଜନସମର୍ଥନରେ ପରିଣତ ହେବ, ତାହା ଦେଖିବାର କଥା। ରାଜ୍ୟ ରାଜନୀତିରେ ଏବେ ତିନି ପ୍ରମୁଖ ଦଳ ନିଜ ନିଜ ରଣନୀତି ପ୍ରସ୍ତୁତ କରୁଥିବାବେଳେ ଜନସାଧାରଣଙ୍କ ଆଶା କିନ୍ତୁ ଭିନ୍ନ। ସେମାନେ ଚାହାଁନ୍ତି ଦୁର୍ଦ୍ଦିନରେ ସହାୟତା, ଚାଷୀଙ୍କୁ ଉଚିତ ମୂଲ୍ୟ, ଯୁବକଙ୍କୁ ରୋଜଗାର, ମହିଳାଙ୍କୁ ସୁରକ୍ଷା ଓ ଗାଁରୁ ସହର ପର୍ଯ୍ୟନ୍ତ ବିକାଶ। ଆଗାମୀ ନିର୍ବାଚନରେ କେବଳ ରାଜନୈତିକ ସ୍ଲୋଗାନ ନୁହେଁ, ବରଂ କାର୍ଯ୍ୟ ଓ ଜନସେବାର ହିସାବ ଦେବାକୁ ପଡ଼ିବ। ଶାସକ ଦଳର କାର୍ଯ୍ୟଦକ୍ଷତା, ବିରୋଧୀଙ୍କ ଦାୟିତ୍ୱପୂର୍ଣ୍ଣ ଭୂମିକା ଓ ଲୋକଙ୍କ ସମସ୍ୟା ପ୍ରତି ରାଜନୈତିକ ଦଳଗୁଡ଼ିକର ଆନ୍ତରିକତା ହିଁ ଓଡ଼ିଶାର ଆଗାମୀ ରାଜନୈତିକ ଚିତ୍ର ନିର୍ଣ୍ଣୟ କରିବ।

ଦୀପାବଳିରେ ଲିଭିଗଲା ୩ ଜୀବନ

ଭୁବନେଶ୍ୱର,(ଜା.ପ୍ର): ଆଲୋକର ପର୍ବ 'ଦୀପାବଳି' ପାଇଁ ଗାଁରୁ ସହର ସବୁଠି ଉତ୍ସବମୁଖର। ଏହି ଅବସରରେ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ନୟାଗଡ଼ ଜିଲା ବାଣୀଗୋଛା ଥାନା ଅଧୀନ ଘଞ୍ଚ ଜଙ୍ଗଲ ଦେଇଯାଇଥିବା ୫୬ ନମ୍ବର ଜାତୀୟ ରାଜପଥରେ ରବିବାର ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ ୩ଜଣଙ୍କ ଜୀବନ ଦୀପ ଲିଭି ଯାଇଛି।

ରବିବାର ଅପରାହ୍ନରେ ଭୁବନେଶ୍ୱରରୁ ଆମ୍ବୁଲାନ୍ସଟି ଈଶ୍ୱର ସାହୁଙ୍କ ମୃତଦେହ ଧରି ବଲାଙ୍ଗୀର ଜିଲା ଦେଓଗାଁ ଅଞ୍ଚଳକୁ ଯାଉଥିଲା। ଏଥିରେ ଈଶ୍ୱରଙ୍କ ସଂପର୍କୀୟ ମଧ୍ୟ ଯାଉଥିଲେ। ହେଲେ ବାଣୀଗୋଛା ଥାନା ନିକଟ ଶାଳଭଙ୍ଗା ଜଙ୍ଗଲ ରାସ୍ତାରେ ଆମ୍ବୁଲାନ୍ସଟି ଭାରସାମ୍ୟ ହରାଇ ଏକ କଲର୍ଭଟରେ ପିଟି ହୋଇଯାଇଥିଲା। ଫଳରେ ଆମ୍ବୁଲାନ୍ସରେ ଥିବା ସମ୍ପର୍କୀୟମାନେ ଗୁରୁତର ଆହତ ହୋଇଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଥିଲା। ପୋଲିସ ସମସ୍ତଙ୍କୁ ଉଦ୍ଧାର କରି ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ପ୍ରତାପ ବାଗ, ଶୀର୍ଷ ବାଗଙ୍କ ସମେତ ୩ଜଣଙ୍କ ମୃତ୍ୟୁ ଘଟିଛି। ମୃତ ଈଶ୍ୱର ସାହୁଙ୍କ ପୁଅ ରାଜୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ପୋଲିସ ମୃତଦେହ ଜବତ କରି ଘଟଣାର ଅଧିକ ତଦନ୍ତ ଜାରି ରଖିଛି।



ଜାତୀୟ ଚେତନା
JATIYA CHETANA

ଦୁର୍ନୀତିରୁ ଦୂରେଇ ରୁହ, ସ୍ୱଚ୍ଛତା ବଜାୟ ରଖ: ରାଜସ୍ୱ ବିଭାଗର କର୍ମଚାରୀଙ୍କୁ ଏସିଏସ୍‌ଙ୍କ ଚିଠି



ଭୁବନେଶ୍ୱର (ଜା.ପ୍ର): ସରକାରୀ ଚାକିରିରେ ସ୍ୱଚ୍ଛତା, ସଚ୍ଚୋଟତା ଓ ନିଷ୍ଠା ବଜାୟ ରଖିବାକୁ ଅଧିକାରୀ ଓ କର୍ମଚାରୀଙ୍କୁ ଆହ୍ୱାନ କରିଛନ୍ତି ରାଜ୍ୟ ସରକାର। ଏନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ସମସ୍ତ କର୍ମଚାରୀଙ୍କ ଉଦ୍ଦେଶ୍ୟରେ ଏକ ଚିଠି ଲେଖିଛନ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ (ଏସିଏସ୍) ଡ. ଅରବିନ୍ଦ କୁମାର ପାଢ଼ୀ। ଚିଠିରେ ସେ ଉଲ୍ଲେଖ କରିଛନ୍ତି ଯେ, ସରକାରୀ ଚାକିରି କେବଳ ଜୀବିକା ନିର୍ବାହର ଏକ ମାଧ୍ୟମ ନୁହେଁ, ବରଂ ଜନସାଧାରଣଙ୍କ ସେବା କରିବାର ଏକ ମହତ୍ ସୁଯୋଗ। ତେଣୁ ପ୍ରତ୍ୟେକ ଅଧିକାରୀ ନିଜ କାର୍ଯ୍ୟକାଳରେ ସ୍ୱଚ୍ଛତା, ସଚ୍ଚୋଟତା ଓ ଦାୟିତ୍ୱବୋଧକୁ ପ୍ରାଥମିକତା ଦେବା ଆବଶ୍ୟକ।

ଡ. ପାଢ଼ୀ ଚିଠିରେ ଆହୁରି କହିଛନ୍ତି ଯେ, ଦୁର୍ନୀତି କେବଳ ଜଣେ ଅଧିକାରୀଙ୍କ ବ୍ୟକ୍ତିଗତ ଛବିକୁ କଳଙ୍କିତ କରେ ନାହିଁ, ବରଂ ସମଗ୍ର ବିଭାଗର ମର୍ଯ୍ୟାଦାକୁ ମଧ୍ୟ କ୍ଷୁଣ୍ଣ କରିଥାଏ। ଏହାଦ୍ୱାରା ପ୍ରଶାସନ ଓ ସରକାରୀ ବ୍ୟବସ୍ଥା ଉପରେ ସାଧାରଣ ଲୋକଙ୍କ ବିଶ୍ୱାସ ହ୍ରାସ ପାଇଥାଏ। ସେଥିପାଇଁ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ସ୍ୱଚ୍ଛ, ସଚ୍ଚୋଟ ଓ ଦୁର୍ନୀତିମୁକ୍ତ ଭାବେ କାର୍ଯ୍ୟ କରିବା ସହ ଜନସେବା ପ୍ରତି ସମର୍ପିତ ରହିବାକୁ ସେ ନିବେଦନ କରିଛନ୍ତି। ଉଲ୍ଲେଖଯୋଗ୍ୟ, ବାଲିଆପାଳ ସବ୍‌ରେଜିଷ୍ଟ୍ରାର ମନୀଷା ମିଶ୍ର ଲାଞ୍ଚ ନେବା ଅଭିଯୋଗରେ ଭିଜିଲାନ୍ସ ହାତରେ ଧରାପଡ଼ିବା ପରେ ବିଭାଗ ପକ୍ଷରୁ ଏହି ଚିଠି ଜାରି ହୋଇଛି।

ଓଡ଼ିଶାରେ ୫ ଲକ୍ଷରୁ ଅଧିକ ନୂଆ ହିତାଧିକାରୀଙ୍କୁ ମିଳିବ ଭତ୍ତା

ନଭେମ୍ବର ୧୦ରେ ବାଲେଶ୍ୱରରୁ ଯୋଜନାର ଶୁଭାରମ୍ଭ କରିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର (ଜା.ପ୍ର): ରାଜ୍ୟର ହଜାର ହଜାର ବୟସ୍କ, ବିଧବା, ଦିବ୍ୟାଙ୍ଗ ଓ ଅସହାୟ ବ୍ୟକ୍ତିଙ୍କ ପାଇଁ ଖୁସି ଖବର। ଦୀର୍ଘଦିନ ଧରି ସାମାଜିକ ସୁରକ୍ଷା ଭତ୍ତାକୁ ଅପେକ୍ଷା କରିଥିବା ୫ ଲକ୍ଷ ୫ ହଜାର ୮୧୭ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି।

ଆସନ୍ତା ନଭେମ୍ବର ୧୦ ତାରିଖରେ ବାଲେଶ୍ୱରଠାରେ ଏକ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ନୂତନ ଭତ୍ତା ପ୍ରଦାନ ପ୍ରକ୍ରିୟାର ଶୁଭାରମ୍ଭ କରିବେ। ମଧୁବାବୁ ପେନସନ୍ ଯୋଜନା ସମେତ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନାରେ ଏହି ହିତାଧିକାରୀମାନେ ସାମିଲ ହେବେ। ସରକାରଙ୍କ ଏହି ନିଷ୍ପତ୍ତି ଫଳରେ ବର୍ଷ ବର୍ଷ ଧରି ଭତ୍ତା ପାଇଁ ଅପେକ୍ଷା କରିଥିବା ଅନେକ ଯୋଗ୍ୟ ବ୍ୟକ୍ତି ଆର୍ଥିକ ସହାୟତା ପାଇପାରିବେ। ଏଥିସହିତ ଭତ୍ତା ଆବେଦନ



ଓ ଅନୁମୋଦନ ପ୍ରକ୍ରିୟାକୁ ସରଳ କରିବାକୁ ମଧ୍ୟ ସରକାର ପଦକ୍ଷେପ ନେଇଛନ୍ତି। ଏଣିକି ଯୋଗ୍ୟ ବ୍ୟକ୍ତିମାନେ ନିଜ ଅଞ୍ଚଳର ବ୍ଲକ୍ କାର୍ଯ୍ୟାଳୟରେ ଇଉଡଙ୍କ ନିକଟରେ ଆବେଦନ କରିପାରିବେ। ଏହାବ୍ୟତୀତ ସରକାରଙ୍କ ଅନଲାଇନ୍ ପୋର୍ଟାଲ୍ ମାଧ୍ୟମରେ ମଧ୍ୟ ଆବେଦନର ସୁବିଧା ରହିଛି। ଆବେଦନର ଯୋଗ୍ୟତା ଯାଞ୍ଚ ଶେଷ ହେବା ପରେ ଶୀଘ୍ର ଭତ୍ତା ମଞ୍ଜୁର କରାଯିବ।

ଅନ୍ୟପକ୍ଷରେ ୮୦ ବର୍ଷ ବୟସରେ ପହଞ୍ଚୁଥିବା ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା ପାଇଁ ଆଉ ନୂଆ ଆବେଦନ କରିବାକୁ ପଡ଼ିବ ନାହିଁ। ବୟସ ଅନୁଯାୟୀ ସେମାନଙ୍କୁ ସ୍ୱୟଂଚାଳିତ ଭାବେ ବର୍ଦ୍ଧିତ ଭତ୍ତା ମିଳିବାର ବ୍ୟବସ୍ଥା ହୋଇଛି। ତେବେ ପୂର୍ବରୁ ଭତ୍ତା ପ୍ରଦାନରେ ହୋଇଥିବା ବିଳମ୍ବକୁ ନେଇ ହିତାଧିକାରୀଙ୍କ ମଧ୍ୟରେ ଅସନ୍ତୋଷ ରହିଥିଲା। ବୈଷୟିକ ସମସ୍ୟା ଓ କେନ୍ଦ୍ରୀୟ ପୋର୍ଟାଲ୍‌ରେ ପରିବର୍ତ୍ତନ ଯୋଗୁଁ ବିଳମ୍ବ ହୋଇଥିବା ନେଇ ବିଭାଗୀୟ ମନ୍ତ୍ରୀ ସ୍ପଷ୍ଟୀକରଣ ଦେଇଥିବା ଖବର ପ୍ରକାଶ ପାଇଛି। ବକେୟା ଭତ୍ତା ମଧ୍ୟ ଶୀଘ୍ର ପ୍ରଦାନ କରିବାକୁ ସରକାର ଆଶ୍ୱାସନା ଦେଇଛନ୍ତି। ସାମାଜିକ ସୁରକ୍ଷା ବଳୟକୁ ଅଧିକ ସୁଦୃଢ଼ କରିବା ଏବଂ ପ୍ରକୃତ ଯୋଗ୍ୟ ବ୍ୟକ୍ତିଙ୍କ ନିକଟରେ ସରକାରୀ ସହାୟତା ପହଞ୍ଚାଇବା ଦିଗରେ ଏହି ପଦକ୍ଷେପ ଗୁରୁତ୍ୱ ବହନ କରୁଛି।

ରାହୁଲ ଗାନ୍ଧୀଙ୍କ ନିଶାଣରେ କେନ୍ଦ୍ର ସରକାର

'ଭୋଟ ଚୋରି' ପରେ ଏବେ 'ପେଟ୍ରୋଲ ଚୋରି' ଅଭିଯୋଗ



ନୂଆଦିଲ୍ଲୀ,(ଏଜେନ୍ସି): ନିର୍ବାଚନୀ ପ୍ରସଙ୍ଗକୁ ନେଇ କେନ୍ଦ୍ର ସରକାରଙ୍କ ଉପରେ କ୍ରମାଗତ ଭାବେ ଆକ୍ରମଣ ଜାରି ରଖିଥିବା ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏବେ ତେଲ ଦର ଓ ଇନ୍ଧନ ସଂକ୍ରାନ୍ତୀୟ ନୂଆ ଅଭିଯୋଗ ଆଣି ରାଜନୈତିକ ବାତାବରଣକୁ ସରଗରମ କରିଛନ୍ତି। ଭୋଟ ହେରଫେର ଅଭିଯୋଗ ପରେ ଏବେ ଦେଶରେ ପେଟ୍ରୋଲ ବିକ୍ରିରେ ମଧ୍ୟ ବ୍ୟାପକ ଅନିୟମିତତା ଚାଲିଥିବା ନେଇ ସେ କେନ୍ଦ୍ର ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ସରକାରଙ୍କ ପକ୍ଷରୁ ପ୍ରଚଳନ କରାଯାଇଥିବା କୁଡ଼ିଏ ପ୍ରତିଶତ ଏଥାନଲ୍ ମିଶ୍ରିତ ପେଟ୍ରୋଲ ବ୍ୟବସ୍ଥାକୁ କଠୋର ଭାବେ ନିନ୍ଦା କରିବା ସହିତ ସାଧାରଣ ଜନତାଙ୍କ ଗାଡ଼ିରୁ ସିଧାସଳଖ ତେଲ ଚୋରି କରାଯାଉଥିବା ନେଇ ସେ ସମ୍ମୁଖକୁ ଆସିଛନ୍ତି। ଏହି ସମ୍ବେଦନଶୀଳ ପ୍ରସଙ୍ଗରେ କେନ୍ଦ୍ର ସରକାର ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଖୋଲା ବିତର୍କ ପାଇଁ ସେ ପୁନର୍ବାର ଆହ୍ୱାନ ଦେଇଛନ୍ତି।

କଂଗ୍ରେସ ଶାସିତ କର୍ଣ୍ଣାଟକ ସରକାରଙ୍କ ପକ୍ଷରୁ ତିନୋଟି ଜିଲ୍ଲାରୁ ପେଟ୍ରୋଲ ନମୁନା ସଂଗ୍ରହ କରାଯାଇ ଏକ ସ୍ୱୀକୃତିପ୍ରାପ୍ତ ପ୍ରୟୋଗଶାଳାରେ ପରୀକ୍ଷା କରାଯାଇଥିଲା। ଏହି ସଂଗୃହୀତ ଚୌରାଳିଶିଟି ନମୁନା ମଧ୍ୟରୁ ଉନବିଂଶଟି ନମୁନାରେ ନିର୍ଦ୍ଧାରିତ ସୀମାଠାରୁ ଯଥେଷ୍ଟ ଅଧିକ ପରିମାଣର ଏଥାନଲ୍ ମିଶିଥିବା କଥା ପରୀକ୍ଷାରୁ ସ୍ପଷ୍ଟ ହୋଇଛି। ପ୍ରାପ୍ତ ରିପୋର୍ଟ ଅନୁଯାୟୀ, ବିଭିନ୍ନ ତୈଳ କମ୍ପାନୀଗୁଡ଼ିକ ଦ୍ୱାରା ଯୋଗାଯାଉଥିବା ତେଲରେ ଉଦ୍ଦିଷ୍ଟ ମାତ୍ରାଠାରୁ ଅଧିକ ଏଥାନଲ୍ ରହିଛି। ବିଶେଷ କରି ଇଣ୍ଡିଆନ୍ ଅଏଲ୍ କୋର୍ପୋରେସନ୍ ଲିମିଟେଡ୍ ନମୁନାରେ ସାଢ଼େ ତିରିଶ ପ୍ରତିଶତ ଏବଂ ହିନ୍ଦୁସ୍ଥାନ ପେଟ୍ରୋଲିୟମ୍ କୋର୍ପୋରେସନ୍ ଲିମିଟେଡ୍ ନମୁନାରେ ତିରିଶ ଦଶମିକ ୪ ପ୍ରତିଶତ ପର୍ଯ୍ୟନ୍ତ ଏଥାନଲ୍ ମିଶ୍ରଣ ଥିବା ଜଣାପଡ଼ିଛି। ଗାଡ଼ିରେ ଏହିପରି ଅତ୍ୟଧିକ ଏଥାନଲ୍ ବ୍ୟବହାର ଦ୍ୱାରା ଇଞ୍ଜିନର କାର୍ଯ୍ୟଦକ୍ଷତା ହ୍ରାସ ପାଇବା ସହିତ ମାଇଲେଜ୍ କମିଯିବା ଏବଂ ଗାଡ଼ି ରକ୍ଷଣାବେକ୍ଷଣ ଖର୍ଚ୍ଚ ବୃଦ୍ଧି ପାଇବା ନେଇ ଗଭୀର ଚିନ୍ତା ପ୍ରକାଶ ପାଇଛି। ଅନ୍ୟପକ୍ଷରେ କେନ୍ଦ୍ର ସରକାର ଓ ଭାରତୀୟ ତୈଳ ମାର୍କେଟିଂ କମ୍ପାନୀଗୁଡ଼ିକ ବିରୋଧୀଙ୍କ ଏହି ସମସ୍ତ ଅଭିଯୋଗକୁ ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାଖ୍ୟାନ କରିଛନ୍ତି। ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ ଏଥାନଲ୍ ମିଶ୍ରଣ ଯୋଗୁଁ ଗାଡ଼ିର ମାଇଲେଜ୍‌ରେ ମାତ୍ର ଚାରି ପ୍ରତିଶତ ହ୍ରାସ ଘଟିପାରେ, କିନ୍ତୁ ଇଞ୍ଜିନ ନଷ୍ଟ ହେବା ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ। ବିଗତ କିଛି ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଜୈବ ଇନ୍ଧନ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯିବା ଫଳରେ ଏହି ମିଶ୍ରଣ ପରିମାଣ ପୂର୍ବାପେକ୍ଷା ବହୁଗୁଣିତ ହୋଇସାରିଛି। ସେହିପରି ତୈଳ କମ୍ପାନୀଗୁଡ଼ିକ ଏକ ମିଳିତ ବିବୃତିରେ କର୍ଣ୍ଣାଟକ ସରକାରଙ୍କ ନମୁନା ସଂଗ୍ରହ ଓ ପରୀକ୍ଷା ପ୍ରଣାଳୀ ଉପରେ ପ୍ରଶ୍ନ ଉଠାଇଛନ୍ତି। ଦେଶସାରା ଯୋଗାଯାଉଥିବା ପେଟ୍ରୋଲ ଭାରତୀୟ ମାନକ ବ୍ୟୁରୋର ନିର୍ଦ୍ଧାରିତ ନିୟମ ଅନୁଯାୟୀ ସୀମିତ ରହିଛି ଏବଂ ତୃତୀୟ ପକ୍ଷ ପ୍ରୟୋଗଶାଳା ପ୍ରମାଣପତ୍ର ବିନା ଏହିପରି ପରୀକ୍ଷା ଫଳାଫଳ ଗ୍ରହଣଯୋଗ୍ୟ ନୁହେଁ ବୋଲି ସେମାନେ ସ୍ପଷ୍ଟ କରିଛନ୍ତି।

ଆନ୍ତର୍ଜାତୀୟ ସମ୍ମାନରେ ସମ୍ମାନିତ ହେଲେ ଆଇଆଇଟି ବମ୍ବେର ପ୍ରଫେସର ନୀଳ ନଟରାଜ

ଭୁବନେଶ୍ୱର,(ଜା.ପ୍ର): ଆନ୍ତର୍ଜାତୀୟ ସ୍ତରରେ ବୈଜ୍ଞାନିକ ଓ ଶିକ୍ଷାଗତ ଉପଲବ୍ଧି ପାଇଁ ଭାରତୀୟ ଶିକ୍ଷା ଓ ଗବେଷଣା ଜଗତରେ ଏକ ଅତ୍ୟନ୍ତ ଗୌରବପୂର୍ଣ୍ଣ ଅଧ୍ୟାୟ ଯୋଡ଼ିହୋଇଛି। ଭାରତୀୟ ପ୍ରଯୁକ୍ତିବିଦ୍ୟା ସଂସ୍ଥାନ ଅର୍ଥାତ୍ ଆଇଆଇଟି ବମ୍ବେର ଗଣିତ ବିଭାଗର ପ୍ରତିଷ୍ଠିତ ପ୍ରଫେସର ନୀଳା ନଟରାଜ ବିଶ୍ୱର ଅନ୍ୟତମ ମାନ୍ୟଗଣ୍ୟ ସଂସ୍ଥା 'ଦି ୱାର୍ଲ୍ଡ ଏକାଡେମୀ ଅଫ୍ ସାଇନ୍‌ସେସ୍'ର ଫେଲୋ ଭାବେ ନିର୍ବାଚିତ ହୋଇଛନ୍ତି। ବିକାଶଶୀଳ ଦେଶଗୁଡ଼ିକରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ସମ୍ପ୍ରସାରଣ, ଅଗ୍ରଗତି ଏବଂ ମାନବସମ୍ବଳର ବିକାଶ ପାଇଁ ତାଙ୍କର ନିରବଚ୍ଛିନ୍ନ ଉଚ୍ଛମାନର ଅବଦାନକୁ ସ୍ୱୀକୃତି ଦେଇ ଏହି ସୁଉଚ୍ଚ ଆନ୍ତର୍ଜାତୀୟ



ସମ୍ମାନରେ ତାଙ୍କୁ ଭୂଷିତ କରାଯାଇଛି। ପ୍ରଫେସର ନଟରାଜ ଗଣିତ ଶାସ୍ତ୍ରର ସଂଖ୍ୟାତ୍ମକ ବିଶ୍ଳେଷଣ କ୍ଷେତ୍ରରେ ଜଣେ ଅଗ୍ରଣୀ ଗବେଷିକା ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ବିଶେଷକରି ଆଂଶିକ ଅବକଳ ସମୀକରଣର ଫାଇନାଇଟ୍ ଏଲିମେଣ୍ଟ୍ ପଦ୍ଧତି, ପ୍ରୟୋଗାତ୍ମକ ଗଣିତ ଏବଂ ବୈଜ୍ଞାନିକ ଗଣନା କ୍ଷେତ୍ରରେ ତାଙ୍କର ଦୀର୍ଘଦିନର ମୌଳିକ ଗବେଷଣା ବିଶ୍ୱ ଗଣିତ ସମୁଦାୟରେ ବିଶେଷ ଚର୍ଚ୍ଚାର ବିଷୟ ପାଲଟିଛି। ତାଙ୍କର ଏହି ଗବେଷଣାତ୍ମକ ନିବନ୍ଧଗୁଡ଼ିକ ଜଟିଳ ଗାଣିତିକ ସମସ୍ୟାର ସରଳ ସମାଧାନ ପାଇଁ ନୂତନ ଦିଗଦର୍ଶନ ପ୍ରଦାନ କରିବା ସହ ପ୍ରୟୋଗାତ୍ମକ ବିଜ୍ଞାନର ବିଭିନ୍ନ କ୍ଷେତ୍ରକୁ ସମୃଦ୍ଧ କରିଛି। ଏହି ସଂସ୍ଥାର ଫେଲୋ ଭାବେ ଆନ୍ତର୍ଜାତୀୟ ସ୍ତରରେ ମନୋନୀତ ହେବା ଏକ ବିରଳ ଏବଂ ସର୍ବୋଚ୍ଚ ବୈଜ୍ଞାନିକ ବ୍ୟକ୍ତିଗତ ସ୍ୱୀକୃତି। ଦୀର୍ଘକାଳୀନ ଭାବେ ଗୁଣାତ୍ମକ ଗବେଷଣାରେ ନିୟୋଜିତ ରହି ବିଶ୍ୱ ବୈଜ୍ଞାନିକ ସମୁଦାୟକୁ ନିଜର ଅସାଧାରଣ ଯୋଗଦାନ ଦ୍ୱାରା ପ୍ରଭାବିତ କରିଥିବା ପ୍ରଖ୍ୟାତ ବୈଜ୍ଞାନିକ ଓ ଗବେଷକମାନଙ୍କୁ ହିଁ ଏହି ସମ୍ମାନଜନକ ପଦବୀ ପାଇଁ ନିର୍ବାଚିତ କରାଯାଇଥାଏ। ପ୍ରଫେସର ନଟରାଜଙ୍କ ଏହି ଅସାଧାରଣ ସଫଳତା ନେଇ ଆଇଆଇଟି ବମ୍ବେ ପରିସରରେ ଉତ୍ସାହର ମାହୋଲ ଦେଖାଦେବା ସହିତ ସମଗ୍ର ଭାରତୀୟ ଶିକ୍ଷା, ବିଜ୍ଞାନ ଓ ଗବେଷଣା ସେକ୍ଟର ପାଇଁ ଏହା ଅତ୍ୟନ୍ତ ଆନନ୍ଦ ଓ ଗୌରବ ଆଣିଦେଇଛି। ଏହି ବିଶିଷ୍ଟ ଉପଲବ୍ଧି ନିମନ୍ତେ ଦେଶବିଦେଶର ବୁଦ୍ଧିଜୀବୀ, ଗବେଷକ, ବୈଜ୍ଞାନିକ ଏବଂ ବିଭିନ୍ନ ଶିକ୍ଷା ଅନୁଷ୍ଠାନ ପକ୍ଷରୁ ତାଙ୍କୁ ତୁଟୁନଥିବା ଶୁଭେଚ୍ଛା ଓ ସମ୍ବର୍ଦ୍ଧନାର ସ୍ରୋତ ଛୁଟୁଛି।

ଅଗ୍ନିବୀରଙ୍କ ପାଇଁ ନୂଆ ସୁଯୋଗ


ନୂଆଦିଲ୍ଲୀ,(ଏଜେନ୍ସି): ଅଗ୍ନିବୀର ଯୋଜନାକୁ ନେଇ କେନ୍ଦ୍ର ସରକାର ନୂଆ ବ୍ୟବସ୍ଥା ଘୋଷଣା କରିଛନ୍ତି। ନଭେମ୍ବର ୪ରେ କେନ୍ଦ୍ର କ୍ୟାବିନେଟ୍ ଅନୁମୋଦନ କରିଥିବା ବ୍ୟବସ୍ଥା ଅନୁସାରେ, ଯୋଗ୍ୟତା ଓ ମେଧା ଆଧାରରେ ୨୫ ପ୍ରତିଶତ ଅଗ୍ନିବୀରଙ୍କୁ ନିୟମିତ ନିଯୁକ୍ତି ଦିଆଯିବ। ଅନ୍ୟ ୭୫ ପ୍ରତିଶତଙ୍କୁ ସେମାନଙ୍କ ଇଚ୍ଛା ଅନୁସାରେ ଆଉ ଦୁଇ ବର୍ଷ କାର୍ଯ୍ୟକାଳ ବୃଦ୍ଧିର ସୁଯୋଗ ମିଳିବ। ଏହି ଅବଧି ପରେ ଇଚ୍ଛୁକ ଓ ଚୟନ ମାନଦଣ୍ଡ ପୂରଣ କରୁଥିବା ଅଗ୍ନିବୀରମାନେ ନିୟମିତ ସୈନିକ ଭାବେ ନିଯୁକ୍ତି ପାଇଁ ବିଚାର ହେବେ।

ଜାତୀୟ ଚେତନା
JATIYA CHETANA

ଭାରତୀୟ ରାଜନୀତିର ଅଜେୟ ଯୋଦ୍ଧା

ଦୂରଦର୍ଶୀ ରାଷ୍ଟ୍ରନୀତିଜ୍ଞ ଲାଲକୃଷ୍ଣ ଆଡଭାନୀ

ଭାରତୀୟ ରାଜନୀତିର ଇତିହାସରେ କେତେକ ବ୍ୟକ୍ତିତ୍ୱ କେବଳ ନିଜ ସମୟକୁ ପ୍ରଭାବିତ କରନ୍ତି ନାହିଁ, ବରଂ ଆଗାମୀ ପିଢ଼ି ପାଇଁ ଏକ ନୂତନ ରାଜନୈତିକ ଧାରା ଓ ଦିଗଦର୍ଶନ ସୃଷ୍ଟି କରିଥାନ୍ତି। ଭାରତ ରତ୍ନ ଲାଲକୃଷ୍ଣ ଆଡଭାନୀ ସେହିଭଳି ଜଣେ ବିରଳ ବ୍ୟକ୍ତିତ୍ୱ। ନଭେମ୍ବର ୮ ତାରିଖରେ ସେ ୯୯ ବର୍ଷ ପୂରଣ କରି ଶତାୟୁ ଜୀବନରେ ପଦାର୍ପଣ କରିଛନ୍ତି। ତାଙ୍କର ଏହି ଜନ୍ମଦିନ କେବଳ ଜଣେ ବରିଷ୍ଠ ରାଜନେତାଙ୍କ ଜୀବନର ଏକ ମାଇଲଖୁଣ୍ଟ ନୁହେଁ, ବରଂ ଆଧୁନିକ ଭାରତୀୟ ରାଜନୀତିର ଏକ ଦୀର୍ଘ ଓ ପ୍ରଭାବଶାଳୀ ଅଧ୍ୟାୟକୁ ସ୍ମରଣ କରିବାର ଅବସର।



୧୯୨୭ ନଭେମ୍ବର ୮ରେ ଅବିଭକ୍ତ ଭାରତର କରାଚୀଠାରେ ଜନ୍ମଗ୍ରହଣ କରିଥିବା ଆଡଭାନୀଙ୍କ ରାଜନୈତିକ ଜୀବନ ସଂଘର୍ଷ, ଶୃଙ୍ଖଳା, ଦୃଢ଼ ସଂକଳ୍ପ ଓ ଅବିଚଳ ଆଦର୍ଶର ଏକ ଉଦାହରଣ। ତାଙ୍କର ବକ୍ତୃତାରେ ଥିଲା ଅଗ୍ନିବର୍ଷୀ ଆହ୍ୱାନ, ଚିନ୍ତାଧାରାରେ ଥିଲା ସ୍ପଷ୍ଟତା ଏବଂ ନେତୃତ୍ୱରେ ଥିଲା ଅସାଧାରଣ ଦୂରଦର୍ଶିତା।

୧୯୮୦ରେ ଭାରତୀୟ ଜନତା ପାର୍ଟିର ଗଠନ ପରେ ଏହାକୁ ଏକ ଶକ୍ତିଶାଳୀ ଜାତୀୟ ରାଜନୈତିକ ଦଳ ଭାବେ ଗଢ଼ିତୋଳିବାରେ ଆଡଭାନୀଙ୍କ ଅବଦାନ ଅତୁଳନୀୟ। ତିନିଥର ଦଳର ଜାତୀୟ ସଭାପତି ଭାବେ ଦାୟିତ୍ୱ ତୁଲାଇ ସେ ଦଳର ସାଂଗଠନିକ ଶକ୍ତିକୁ ଦେଶବ୍ୟାପୀ ସମ୍ପ୍ରସାରିତ କରିଥିଲେ। ୧୯୮୪ରେ ଲୋକସଭାରେ ମାତ୍ର ଦୁଇଟି ଆସନ ପାଇଥିବା ବିଜେପିକୁ ପରବର୍ତ୍ତୀ ସମୟରେ ଦେଶର ପ୍ରମୁଖ ରାଜନୈତିକ ଶକ୍ତିରେ ପରିଣତ କରିବାରେ ତାଙ୍କର ଭୂମିକା ଇତିହାସରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି।

୧୯୯୦ର ରାମ ରଥଯାତ୍ରା ତାଙ୍କ ରାଜନୈତିକ ଜୀବନର ଏକ ଐତିହାସିକ ମୋଡ଼। ଏହା ଦେଶର ରାଜନୈତିକ ଓ ସାମାଜିକ ପରିଦୃଶ୍ୟରେ ବ୍ୟାପକ ପ୍ରଭାବ ପକାଇଥିଲା। ଏହି ଆନ୍ଦୋଳନକୁ ନେଇ ଦେଶରେ ସମର୍ଥନ ଓ ବିରୋଧ ଉଭୟ ସ୍ୱର ଉଠିଥିଲା। ତଥାପି ଭାରତୀୟ ରାଜନୀତିର ଗତିପଥକୁ ପ୍ରଭାବିତ କରିଥିବା ଏକ ପ୍ରମୁଖ ଘଟଣା ଭାବେ ଏହାର ଐତିହାସିକ ଗୁରୁତ୍ୱ ରହିଛି।

ଅଟଳ ବିହାରୀ ବାଜପେୟୀଙ୍କ ସହ ତାଙ୍କର ରାଜନୈତିକ ସମନ୍ୱୟ ଭାରତୀୟ ରାଜନୀତିର ଏକ ସ୍ମରଣୀୟ ଅଧ୍ୟାୟ। ଏନ୍‌ଡିଏ ସରକାରରେ କେନ୍ଦ୍ର ଗୃହମନ୍ତ୍ରୀ ଓ ଉପପ୍ରଧାନମନ୍ତ୍ରୀ ଭାବେ ସେ ଦେଶର ଶାସନ ବ୍ୟବସ୍ଥାରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇଥିଲେ।

ଶତାୟୁ ଜୀବନରେ ପଦାର୍ପଣ: ଏକ ଗୌରବମୟ ରାଜନୈତିକ ଯାତ୍ରା

ତାଙ୍କର ଦୀର୍ଘ ସଂସଦୀୟ ଅଭିଜ୍ଞତା, ରାଜନୈତିକ ଦୂରଦୃଷ୍ଟି ଓ ସାଂଗଠନିକ ଦକ୍ଷତା ତାଙ୍କୁ ଜଣେ ପ୍ରଭାବଶାଳୀ ରାଷ୍ଟ୍ରନୀତିଜ୍ଞ ଭାବେ ପ୍ରତିଷ୍ଠିତ କରିଛି।

୨୦୨୪ ମାର୍ଚ୍ଚ ୩୧ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ ଦେଶର ସର୍ବୋଚ୍ଚ ନାଗରିକ ସମ୍ମାନ 'ଭାରତ ରତ୍ନ' ପ୍ରଦାନ କରିଥିଲେ। ଏହା ତାଙ୍କର ସାତ ଦଶନ୍ଧିରୁ ଊର୍ଦ୍ଧ୍ୱ ସାର୍ବଜନୀନ ଜୀବନ ଓ ରାଷ୍ଟ୍ର ପ୍ରତି ଅବଦାନର ଏକ ଜାତୀୟ ସ୍ୱୀକୃତି। ଆଡଭାନୀଙ୍କ ରାଜନୈତିକ ଯାତ୍ରାର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଦୀର୍ଘ ସମୟ ଧରି ନିଜ ଚିନ୍ତାଧାରା ଓ ସାଂଗଠନିକ ଲକ୍ଷ୍ୟ ପ୍ରତି ଅଟଳ ରହିବା। ତାଙ୍କର ବିଚାରଧାରା ସହ ସମସ୍ତେ ଏକମତ ନ ହୋଇପାରନ୍ତି, କିନ୍ତୁ ଭାରତୀୟ ରାଜନୀତିର ଗତିପଥକୁ ପ୍ରଭାବିତ କରିବାରେ ତାଙ୍କର ଭୂମିକା ଅସ୍ୱୀକାର କରିବାର ଅବକାଶ ନାହିଁ। ଜଣେ ନେତାଙ୍କ ମହାନତା କେବଳ ସେ ଧାରଣ କରିଥିବା ପଦବୀରେ ନୁହେଁ, ବରଂ ସେ ଦେଶର ରାଜନୈତିକ ଇତିହାସରେ ଛାଡ଼ିଯାଇଥିବା ପ୍ରଭାବରେ ନିହିତ ଥାଏ।

ଦେବ ଦୀପାବଳିର ପବିତ୍ର ଅବସରରେ ତାଙ୍କର ଜନ୍ମଦିନ ଏକ ଭିନ୍ନ ମହତ୍ତ୍ୱ ବହନ କରୁଛି। ଜୀବନର ଏହି ଶତାୟୁ ପର୍ଯ୍ୟାୟରେ ଆଡଭାନୀଙ୍କ ନାମ ଭାରତୀୟ ରାଜନୀତିର ଇତିହାସରେ ଏକ ଅବିସ୍ମରଣୀୟ ଅଧ୍ୟାୟ ହୋଇ ରହିବ। ତାଙ୍କର ଜୀବନ ନୂତନ ପିଢ଼ିର ରାଜନେତାମାନଙ୍କୁ ସାଂଗଠନିକ ଶୃଙ୍ଖଳା, ଧୈର୍ଯ୍ୟ, ଅଧ୍ୟବସାୟ ଓ ଦୀର୍ଘକାଳୀନ ଲକ୍ଷ୍ୟ ନିର୍ଦ୍ଧାରଣର ଶିକ୍ଷା ଦେଇଥାଏ।

ଏହି ମହାନ ରାଷ୍ଟ୍ରନୀତିଜ୍ଞଙ୍କ ଜନ୍ମଦିନରେ ତାଙ୍କ ପ୍ରତି ଅନ୍ତରର ଗଭୀର ଶ୍ରଦ୍ଧା, ସମ୍ମାନ ଓ ଶୁଭକାମନା। ଈଶ୍ୱର ତାଙ୍କୁ ସୁସ୍ଥ, ଦୀର୍ଘ ଓ ଶାନ୍ତିପୂର୍ଣ୍ଣ ଜୀବନ ପ୍ରଦାନ କରନ୍ତୁ। ଭାରତୀୟ ରାଜନୀତିର ଏହି ଅନନ୍ୟ ଯୁଗପୁରୁଷଙ୍କ ଅବଦାନ ଇତିହାସର ପୃଷ୍ଠାରେ ସଦା ସ୍ମରଣୀୟ ହୋଇ ରହିବ।

ଦିଲ୍ଲୀରେ ପ୍ରଦୂଷଣ ସ୍ଥିତି ଗମ୍ଭୀର, ଆଗାମୀ ଦିନରେ ହେବ ସ୍ଥିତି ଆହୁରି ସାଂଘାତିକ

ନୂଆଦିଲ୍ଲୀ,(ଏଜେନ୍ସି): ଦୀପାବଳି ଉତ୍ସବର ସନ୍ଧ୍ୟାରେ ରାଜଧାନୀ ଦିଲ୍ଲୀର ବାୟୁ ପ୍ରଦୂଷଣ ସ୍ଥିତି ଅତ୍ୟନ୍ତ ଖରାପ ବର୍ଗରେ ପହଞ୍ଚିଥିବାବେଳେ ଆଗାମୀ ଦିନରେ ଏହା ଆହୁରି ସାଂଘାତିକ ରୂପ ଧାରଣ କରିବାର ଆଶଙ୍କା ରହିଛି। ରବିବାର ଦିନ ସହରର ହାରାହାରି ବାୟୁ ଗୁଣବତ୍ତା ସୂଚକାଙ୍କ ତିନି ଶେଷ ଛଅରରେ ରେକର୍ଡ ହୋଇଛି ଏବଂ ସମଗ୍ର ସହର ଏକ ମୋଟା ଧୂଆଁର ଆବରଣ ଦ୍ୱାରା ଆଚ୍ଛାଦିତ ହୋଇ ଦୃଶ୍ୟମାନତା କମିଯାଇଛି। ସଂଗୃହୀତ ତଥ୍ୟ ଅନୁସାରେ ଉପଲବ୍ଧ ମୋଟ ଅନୁସନ୍ଧାନ କେନ୍ଦ୍ରଗୁଡ଼ିକ ମଧ୍ୟରୁ ଅନେକ ସ୍ଥାନରେ ପରିବେଶ ସ୍ଥିତି ଅତି ଭୟଜନକ ସ୍ତରରେ ପହଞ୍ଚିଛି ଏବଂ ଜାହାଙ୍ଗୀରପୁରୀ ଅଞ୍ଚଳରେ ସର୍ବାଧିକ ପ୍ରଦୂଷଣ ରେକର୍ଡ କରାଯାଇଛି। ସୋମବାରଠାରୁ ଦୀପାବଳିର ବାଣ ଫୁଟାଇବା, ଯାନବାହନରୁ ନିର୍ଗତ ଧୂଆଁ ଏବଂ ପଡ଼ୋଶୀ ରାଜ୍ୟମାନଙ୍କରେ ନଡ଼ା ପୋଡ଼ିବା ପ୍ରକ୍ରିୟା ଶିଖରରେ ପହଞ୍ଚିବା କାରଣରୁ ବାୟୁ ଗୁଣବତ୍ତା ଅତି ଗମ୍ଭୀର ସ୍ଥିତିକୁ ଚାଲିଯିବ ବୋଲି ପୂର୍ବାନୁମାନ କରାଯାଇଛି। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ମାନଦଣ୍ଡ ଅନୁସାରେ ଶୂନ୍ୟରୁ ପଚାଶ ପର୍ଯ୍ୟନ୍ତ ଭଲ ଏବଂ ଚାରି ଶେଷରୁ ପାଞ୍ଚ ଶେଷ ମଧ୍ୟରେ ଥିବା ସ୍ଥିତିକୁ ଅତି ସାଂଘାତିକ ଭାବେ ବିବେଚନା କରାଯାଉଥିବାବେଳେ ଦିଲ୍ଲୀର ବର୍ତ୍ତମାନର ସ୍ଥିତି ସେହି ସୀମା ପାଖାପାଖି ପହଞ୍ଚିଛି। ପାଣିପାଗର ପ୍ରତିକୂଳ ପରିସ୍ଥିତି ଯେପରିକି କମ୍ ବେଗରେ ପବନ ବହିବା ଏବଂ ପ୍ରଦୂଷକ କଣିକାଗୁଡ଼ିକ ବାୟୁମଣ୍ଡଳରେ ସହଜରେ ବିସ୍ତାର ନହେବା ଏହି ସମସ୍ୟାକୁ ଆହୁରି ଜଟିଳ କରିଛି। ରବିବାର ଦିନ ସୂକ୍ଷ୍ମ କଣିକା ବା ପି.ଏମ. ଦୁଇ ଦଶମିକ ପାଞ୍ଚ ସବୁଠାରୁ ପ୍ରମୁଖ ପ୍ରଦୂଷକ ଭାବେ ଚିହ୍ନଟ ହୋଇଥିବାବେଳେ ଯାନବାହନ ଚଳାଚଳ ଏବଂ ନଡ଼ା ପୋଡ଼ିବା ଏହାର ମୁଖ୍ୟ କାରଣ ବୋଲି ଜଣାପଡ଼ିଛି।

କୋଠା ଭୁଶୁଡ଼ି ୬ ଜଣଙ୍କ ମୃତ୍ୟୁ

ନୂଆଦିଲ୍ଲୀ,(ଏଜେନ୍ସି): ଦିଲ୍ଲୀର ପୁରୁଣା ଅଞ୍ଚଳରେ ଘଟିଥିବା ଏକ ମର୍ମନ୍ତୁଦ ଓ ଅତ୍ୟନ୍ତ ଦୁଃଖଦାୟକ କୋଠା ଭୁଶୁଡ଼ିବା ଦୁର୍ଘଟଣାରେ ପ୍ରାଣହାନୀ ସଂଖ୍ୟା କ୍ରମଶଃ ବୃଦ୍ଧି ପାଇ ଶେଷରେ ଛଅ ଜଣରେ ପହଞ୍ଚିଛି ଏବଂ ପ୍ରଶାସନ ପକ୍ଷରୁ ସମସ୍ତ ମୃତକଙ୍କ ପରିଚୟ ସ୍ପଷ୍ଟ କରାଯାଇଛି। ରାଜଧାନୀର ଗହଳିପୂର୍ଣ୍ଣ ଚାଓ୍ଡ଼ି ବଜାର ଅଞ୍ଚଳରେ ଥିବା ଗଳି ଶୀଶ ମହଲ ଏବଂ ଗଳି ଶେହାତାରା ନିକଟରେ ଘଟିଥିବା ଏହି ଭୟଙ୍କର ଦୁର୍ଘଟଣା ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି। ପ୍ରାପ୍ତ ସୂଚନା ଅନୁଯାୟୀ, ଗତ ଗୁରୁବାର ଦିନ ସକାଳ ପ୍ରାୟ ସାଢ଼େ ଦଶଟା ସମୟରେ ଏହି ତିନି ମହଲା ବିଶିଷ୍ଟ ନିର୍ମାଣାଧୀନ କୋଠାଟି ହଠାତ୍ ଭୁଶୁଡ଼ି ପଡ଼ିଥିଲା। ଘଟଣାସ୍ଥଳରେ ଉଦ୍ଧାର କାର୍ଯ୍ୟ ଜାରି ରହିଥିବାବେଳେ ପ୍ରଶାସନ ପକ୍ଷରୁ ମୃତକମାନଙ୍କ ନାମ ସଞ୍ଜୀତ କୁମାର, କିଶୋରୀ ସାହ, ପଙ୍କଜ ଶର୍ମା, ବିପିନ ରାମ, ଶାନ୍ତୁ ଏବଂ ଦୀନେଶ ସାହ ବୋଲି ଚିହ୍ନଟ କରାଯାଇଛି। ଏହି ଦୁର୍ଘଟଣାର ଶିକାର ହୋଇଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ପାଞ୍ଚ ଜଣ ବିହାର ରାଜ୍ୟର ଅଧିବାସୀ ହୋଇଥିବାବେଳେ ବିପିନ ରାମ ଦିଲ୍ଲୀର ମଣ୍ଡଳୀ ଫଜଲପୁର ଅଞ୍ଚଳର ବାସିନ୍ଦା ଥିଲେ।

ଏହି ଦୁର୍ଘଟଣାର ପ୍ରକୃତ କାରଣ ଏବଂ ପରିସ୍ଥିତିକୁ ଅନୁଧ୍ୟାନ କଲାବେଳେ ଜଣାପଡିଛି ଯେ ଏକ ସଂକୀର୍ଣ୍ଣ ଜମି ଉପରେ ଏହି ନିର୍ମାଣ କାର୍ଯ୍ୟ ଚାଲିଥିଲା ଏବଂ କୋଠାର କାମ ଅତ୍ୟନ୍ତ ଅସାବଧାନତା ଓ ତ୍ରୁଟିପୂର୍ଣ୍ଣ ଭାବେ କରାଯାଉଥିଲା। ପ୍ରାଥମିକ ତଦନ୍ତରୁ ଏହା ସ୍ପଷ୍ଟ ହୋଇଛି ଯେ କୋଠାରେ ବ୍ୟବହୃତ ହୋଇଥିବା ସ୍ଥାୟୀ କିମ୍ବା ଅସ୍ଥାୟୀ ସାମଗ୍ରୀ କଂକ୍ରିଟ୍ ଶୁଖିବା ପୂର୍ବରୁ ହିଁ କାଢ଼ି ଦିଆଯାଇଥିଲା, ଯାହାଫଳରେ ସମଗ୍ର କୋଠାଟି ଭାରସାମ୍ୟ ହରାଇ ଭୁଶୁଡ଼ି ପଡ଼ିଥିଲା। ଏହାବ୍ୟତୀତ ଦ୍ୱିତୀୟ ଏବଂ ତୃତୀୟ ମହଲାରେ ବିନା ଅନୁମତିରେ ଏବଂ ବେଆଇନ ଭାବେ ନିର୍ମାଣ କାର୍ଯ୍ୟ ଚାଲିଥିବା ଅଭିଯୋଗ ମଧ୍ୟ ସାମ୍ନାକୁ ଆସିଛି। ଘଟଣାର ଗମ୍ଭୀରତାକୁ ଦୃଷ୍ଟିରେ ରଖି ପୁଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଏହି ନିର୍ମାଣ କାର୍ଯ୍ୟରେ ଜଡ଼ିତ ତିନିଜଣ ଠିକାଦାରଙ୍କୁ ଗିରଫ କରିଛି। ସିରାଜ, ତାଜୁଦ୍ଦିନ ଏବଂ ଫୁର୍କାନ ନାମକ ଏହି ତିନି ଅଭିଯୁକ୍ତ ହରିଆଣା ପ୍ରଦେଶର ଫରିଦାବାଦ ଜିଲ୍ଲାର ବାସିନ୍ଦା ବୋଲି ଜଣାପଡିଛି। ଆଇନଗତ ବ୍ୟବସ୍ଥା ଅନୁଯାୟୀ ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ତଦନ୍ତ ପ୍ରକ୍ରିୟା ଜାରି ରହିଛି। ଏହି ଉଦ୍ଧାର କାର୍ଯ୍ୟ ପରିଚାଳନା କରିବା ପ୍ରଶାସନ ପାଇଁ ଏକ ବଡ଼ ଆହ୍ୱାନ ସୃଷ୍ଟି କରିଥିଲା, କାରଣ ଯେଉଁ ସ୍ଥାନରେ କୋଠାଟି ଭୁଶୁଡ଼ିଥିଲା ସେହି ଅଞ୍ଚଳଟି ଅତ୍ୟନ୍ତ ସଂକୀର୍ଣ୍ଣ ଏବଂ ଜନଗହଳିପୂର୍ଣ୍ଣ ଥିଲା। ଦୁର୍ଘଟଣାଗ୍ରସ୍ତ କୋଠାଟି ଏପରି ଏକ ଗଳିର ଶେଷ ଭାଗରେ ଅବସ୍ଥିତ ଥିଲା ଯେଉଁଠାରୁ ମାତ୍ର ତିନିଫୁଟ ଚଉଡ଼ା ରାସ୍ତା ଥିବାରୁ କୌଣସି ପ୍ରକାରର ବଡ଼ ଯାନବାହନ, ଉଦ୍ଧାରକାରୀ ଟ୍ରକ୍ କିମ୍ବା ଭାରୀ ଯନ୍ତ୍ରପାତି ଘଟଣାସ୍ଥଳକୁ ସହଜରେ ଯାଇପାରି ନଥିଲା। ଏହି ଜଟିଳ ପରିସ୍ଥିତିକୁ ମୁକାବିଲା କରିବା ପାଇଁ ଜାତୀୟ ଦୁର୍ଘଟଣା ମୋଚନ ବାହିନୀ ଅର୍ଥାତ୍ ଏନ୍.ଡି.ଆର୍.ଏଫ୍ ଏବଂ ଦିଲ୍ଲୀ ମହାନଗର ନିଗମର ପ୍ରାୟ ତିରିଶ ଜଣ କର୍ମଚାରୀ ଦୀର୍ଘ ସମୟ ଧରି ନିରବଚ୍ଛିନ୍ନ ଭାବେ ପରିଶ୍ରମ କରିଥିଲେ।

ଆନ୍ଧ୍ରପ୍ରଦେଶରେ ଟିଡିପି ମେଣ୍ଟର ଆଗୁଆ ପ୍ରଦର୍ଶନ

ନୂଆଦିଲ୍ଲୀ,(ଏଜେନ୍ସି): ଆନ୍ଧ୍ରପ୍ରଦେଶର ସ୍ଥାନୀୟ ନିର୍ବାଚନରେ ଆଞ୍ଚଳିକ ରାଜନୈତିକ ବାତାବରଣ ସରଗରମ ହୋଇଉଠିଛି। ରାଜ୍ୟର ଜିଲ୍ଲା ପରିଷଦ ଏବଂ ମଣ୍ଡଳ ପରିଷଦ ନିର୍ବାଚନରେ ତେଲୁଗୁ ଦେଶମ୍ ପାର୍ଟି ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ ଅଧିକାଂଶ ଆସନରେ ଆଗୁଆ ରହି ବୃହତ୍ ସଫଳତା ହାସଲ କରିଛି। ନଭେମ୍ବର ସାତ ରାତି ସୁଦ୍ଧା ନିର୍ବାଚନ ଆୟୋଗଙ୍କ ପକ୍ଷରୁ ପ୍ରକାଶିତ ତଥ୍ୟ ଅନୁସାରେ, ଏହି ମେଣ୍ଟ ଦୁଇ ଶହ ସ୍ତରୀୟୋତରୀ ଜିଲ୍ଲା ପରିଷଦ ଆସନ ଏବଂ ପାଞ୍ଚ ହଜାର ପାଞ୍ଚ ଶହ ସତାନବେ ମଣ୍ଡଳ ପରିଷଦ ଆସନରେ ବିଜୟ ହାସଲ କରିଛି। ଅନ୍ୟପଟେ ବିରୋଧୀ ୱାଇ.ଏସ୍.ଆର୍. କଂଗ୍ରେସ ପାର୍ଟି ପକ୍ଷରୁ ନିର୍ବାଚନ ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ଗମ୍ଭୀର ଅଭିଯୋଗ ଆଗତ କରାଯାଇଛି, ଯାହାକୁ ନେଇ ରାଜ୍ୟ ରାଜନୀତିରେ ଏକ ନୂଆ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି।

ହାଇଜାକ୍ ଧମକ ପରେ ଫେରିଲା ଇଣ୍ଡିଗୋ ବିମାନ

ନୂଆଦିଲ୍ଲୀ,(ଏଜେନ୍ସି): ବେଙ୍ଗାଲୁରୁରୁ ଲକ୍ଷ୍ନୌ ଯାଉଥିବା ଇଣ୍ଡିଗୋର ୬ଇ-୪୫୧ ବିମାନରେ ହାଇଜାକ୍ ଧମକ ଥିବା ଏକ ହାତଲେଖା ଚିଠି ମିଳିବା ପରେ ଆତଙ୍କ ସୃଷ୍ଟି ହୋଇଥିଲା। ୧୭୮ ଜଣ ଯାତ୍ରୀ ଥିବା ବିମାନଟି ଉଡ଼ାଣର ପ୍ରାୟ ୩୦ ମିନିଟ୍ ପରେ ସତର୍କତାମୂଳକ ଭାବେ ବେଙ୍ଗାଲୁରୁ ଫେରିଥିଲା। ପ୍ରାୟ ୯୦ ମିନିଟ୍ ଧରି ଯାଞ୍ଚ ପରେ ଧମକଟି ମିଥ୍ୟା ବୋଲି ଜଣାପଡ଼ିଥିଲା ଏବଂ ବିମାନଟି ପୁନର୍ବାର ଲକ୍ଷ୍ନୌ ଅଭିମୁଖେ ଯାତ୍ରା କରିଥିଲା।

ଜାତୀୟ ଚେତନା
JATIYA CHETANA

ଜାତୀୟ ଚେତନା
JATIYA CHETANA

ଧନିକତନ୍ତ୍ରର ବର୍ଦ୍ଧିତ ପ୍ରଭାବ

ବର୍ତ୍ତମାନର ଏକୋଇଶି ଶତାବ୍ଦୀର ଜଟିଳ ଏବଂ ପରିବର୍ତ୍ତନଶୀଳ ବିଶ୍ୱ ବ୍ୟବସ୍ଥାରେ 'ଓଲିଗାର୍କ' ବା ପ୍ରଭାବଶାଳୀ ଧନିକତନ୍ତ୍ରୀ ଗୋଷ୍ଠୀ ଶବ୍ଦଟି କେବଳ ପୁରୁଣା ସୋଭିଏଟ୍ ସଂଘ ପତନ ପରେ ବିପୁଳ ସମ୍ପତ୍ତି ଅର୍ଜନ କରିଥିବା ରୁଷୀୟ ଆଭିଜାତ୍ୟ ବର୍ଗ ମଧ୍ୟରେ ସୀମିତ ରହିନାହିଁ, ବରଂ ଏହା ବିଶ୍ୱର ସମସ୍ତ ପ୍ରମୁଖ ଦେଶର ରାଜନୀତି, ଅର୍ଥନୀତି, କୂଟନୀତି ଏବଂ ଶାସନ ବ୍ୟବସ୍ଥାକୁ ଗଭୀର ଏବଂ ନିର୍ଣ୍ଣୟକାରୀ ଭାବେ ପ୍ରଭାବିତ କରୁଛି। ବିଶ୍ୱର ବିଭିନ୍ନ ବଡ଼ ବଡ଼ ଦେଶର ଶାସନ ମହଲରେ ଏଭଳି ପ୍ରଭାବଶାଳୀ ଧନିକବର୍ଗ ଏବଂ ଟେକ୍ନୋଲୋଜି ବିଲିୟନେୟାରମାନଙ୍କର ଉପସ୍ଥିତି ଦିନକୁ ଦିନ ଅଧିକରୁ ଅଧିକ ବୃଦ୍ଧି ପାଉଛି। ଆମେରିକାରେ ରାଷ୍ଟ୍ରପତିଙ୍କ ଶପଥ ଗ୍ରହଣ ସମାରୋହର ପ୍ରଥମ ଧାଡ଼ିରେ ବସୁଥିବା ବ୍ୟକ୍ତିବିଶେଷଙ୍କଠାରେ ଏହାର ଜ୍ୱଳନ୍ତ ପ୍ରମାଣ ମିଳିଥାଏ। ବିଶ୍ୱର ଶୀର୍ଷସ୍ଥାନରେ ଥିବା ବିଭିନ୍ନ ରାଷ୍ଟ୍ରର ଶାସନ କଳ ପର୍ଯ୍ୟନ୍ତ ସବୁଠି ଏହି ପୁଞ୍ଜିପତି ଓ କ୍ଷମତାଶାଳୀ ଗୋଷ୍ଠୀଙ୍କ ସାମ୍ରାଜ୍ୟ ବ୍ୟାପକ ଭାବେ ବିସ୍ତାରିତ ହେବାରେ ଲାଗିଛି। ସାରା ବିଶ୍ୱରେ ଏହି ବର୍ଗର ଲୋକମାନେ ଶାସନ ବ୍ୟବସ୍ଥା ସହିତ ଏତେ ନିବିଡ଼ ଏବଂ ଗଭୀର ଭାବେ ଜଡ଼ିତ ହୋଇଯାଇଛନ୍ତି ଯେ, ସେମାନଙ୍କର ପ୍ରଭାବ ବିନା ଆଜିର ବିକାଶଶୀଳ ବିଶ୍ୱ ବ୍ୟବସ୍ଥାର କଳ୍ପନା କରିବା ମଧ୍ୟ ସମ୍ପୂର୍ଣ୍ଣ ଅସମ୍ଭବ ହୋଇପଡ଼ିଛି।

ଏଭଳି ମୁଷ୍ଟିମେୟ ଧନିକବର୍ଗ ପ୍ରଚୁର ପରିମାଣର ସମ୍ପତ୍ତି ଏବଂ ଅପରିସୀମ କ୍ଷମତାକୁ ନିଜର ହାତମୁଠାରେ ଧରି ସମଗ୍ର ବିଶ୍ୱକୁ ପରିଚାଳନା କରୁଛନ୍ତି। ଏହି କ୍ଷମତା ହାସଲ କରିବାର ପ୍ରକ୍ରିୟା ଏବଂ ପଦ୍ଧତି ମଧ୍ୟ ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ରହିଛି। ଇତିହାସ ଏବଂ ବର୍ତ୍ତମାନର ବିଶ୍ୱ ପରିସ୍ଥିତିକୁ ଗଭୀର ଭାବରେ ଅନୁଧ୍ୟାନ କଲେ ଜଣାଯାଏ ଯେ, କିଛି ମୁଷ୍ଟିମେୟ ବର୍ଗ ପ୍ରଥମେ ନିଜର ବ୍ୟବସାୟିକ ଦକ୍ଷତା, ବୁଦ୍ଧିମତ୍ତା ଓ ପରିଶ୍ରମ ବଳରେ ପ୍ରଚୁର ସମ୍ପତ୍ତି ଅର୍ଜନ କରନ୍ତି ଏବଂ ପରେ ସେହି ଅର୍ଜିତ ସମ୍ପତ୍ତିକୁ ବ୍ୟବହାର କରି ରାଜନୈତିକ କ୍ଷମତା ହାସଲ କରିଥାନ୍ତି, ଯାହାର ସବୁଠାରୁ ବଡ଼ ଉଦାହରଣ ଆମେରିକାରେ ଦେଖିବାକୁ ମିଳିଥାଏ। ଅନ୍ୟପକ୍ଷରେ, କିଛି ନେତା ପ୍ରଥମେ ରାଜନୈତିକ କ୍ଷମତା କିମ୍ବା ସରକାରୀ ପଦବୀ ହାସଲ କରିବା ପରେ ସେହି କ୍ଷମତାର ଅପବ୍ୟବହାର କିମ୍ବା ସଦୁପଯୋଗ କରି ବିପୁଳ ପରିମାଣର ସମ୍ପତ୍ତି ଏବଂ ବ୍ୟକ୍ତିଗତ ସାମ୍ରାଜ୍ୟ ଗଢ଼ିତୋଳିଥାନ୍ତି, ଯାହାର ସବୁଠାରୁ ସ୍ପଷ୍ଟ ଚିତ୍ର ରୁଷିଆରେ ପରିଲକ୍ଷିତ ହୋଇଥାଏ। ଏହା ବ୍ୟତୀତ ଆଉ କେତେଜଣ ଶାସକ ଜନ୍ମରୁ ହିଁ ଉଭୟ ଅପରିସୀମ ପାରିବାରିକ ସମ୍ପତ୍ତି ଏବଂ ସର୍ବୋଚ୍ଚ ରାଜନୈତିକ କ୍ଷମତାର ଅଧିକାରୀ ହୋଇଥାଆନ୍ତି, ଯାହାକି ସାଉଦି ଆରବ ଏବଂ ମରକ୍କୋ ଭଳି ରାଷ୍ଟ୍ରମାନଙ୍କରେ ସ୍ପଷ୍ଟ ଭାବରେ ଦେଖିବାକୁ ମିଳିଥାଏ।

ଜଣେ ପ୍ରଭାବଶାଳୀ ଧନିକତନ୍ତ୍ରୀ କିମ୍ବା ଶାସକ ହେବା ପାଇଁ କେବଳ ଆଜିର ଦିନରେ ବିଲିୟନେୟାର ହେବା ସମ୍ପୂର୍ଣ୍ଣ ଜରୁରୀ ନୁହେଁ, ବରଂ ଏକ ନିର୍ଦ୍ଦିଷ୍ଟ ପରିମାଣର ବୃହତ୍ ସମ୍ପତ୍ତି ସହିତ ରାଜନୈତିକ କ୍ଷମତା ଥିଲେ ଜଣେ ବ୍ୟକ୍ତି ନିଜର ପ୍ରଭାବକୁ ସମାଜରେ ବିସ୍ତାର କରିବା ପାଇଁ ଯଥେଷ୍ଟ ଆର୍ଥିକ ସ୍ୱାଧୀନତା ହାସଲ କରିପାରେ। ଆନ୍ତର୍ଜାତୀୟ ମୁଦ୍ରା ପାଣ୍ଠି ବା ଆଇଏମ୍ଏଫ୍‌ର ଆକଳନ ଏବଂ କ୍ରୟ ଶକ୍ତି ସମାନତା ବା ପିପିପି ଆଧାରରେ କରାଯାଇଥିବା ସର୍ଭେ ଅନୁଯାୟୀ, ବର୍ତ୍ତମାନ ବିଶ୍ୱର ବହୁ ପ୍ରମୁଖ ରାଷ୍ଟ୍ର ବା ସରକାରଙ୍କ ମୁଖ୍ୟମାନେ ଏହି ପ୍ରଭାବଶାଳୀ ପୁଞ୍ଜିପତି ବର୍ଗର ଅନ୍ତର୍ଭୁକ୍ତ ଅଟନ୍ତି। ବିଶ୍ୱର ୨୦ଟି ବୃହତ୍ତମ ଦେଶ ମଧ୍ୟରୁ ଅନେକ ଦେଶର ଶୀର୍ଷ ନେତାମାନେ ଏହି ଶ୍ରେଣୀରେ ସାମିଲ ରହିଛନ୍ତି। ସମ୍ପତ୍ତି ଏବଂ କ୍ଷମତାକୁ ଏକାଠି କରିପାରିଥିବା ବିଶ୍ୱର ବହୁ ପ୍ରମୁଖ ରାଷ୍ଟ୍ରନାୟକ ଯେପରିକି ଆମେରିକା, ରୁଷିଆ, ସାଉଦି ଆରବ, ଚାଇନା, ଇଣ୍ଡୋନେସିଆ, ତୁର୍କୀ ଏବଂ ନାଇଜେରିଆ ଭଳି ଦେଶର ପ୍ରମୁଖ ନେତାମାନେ ବିଶ୍ୱର ଏକ ବିରାଟ ଅର୍ଥନୈତିକ କ୍ଷେତ୍ରର ପ୍ରତିନିଧିତ୍ୱ କରୁଛନ୍ତି। ବିଶେଷ କରି ମଧ୍ୟପ୍ରାଚ୍ୟ, ଉତ୍ତର ଆଫ୍ରିକା, ଉପ-ସାହାରା ଆଫ୍ରିକା, ପୂର୍ବ ଏସିଆ ଏବଂ ୟୁରୋପୀୟ ଅଞ୍ଚଳରେ ଏଭଳି ନେତାମାନଙ୍କ ସଂଖ୍ୟା ଅଧିକ ରହିଛି, ଯେଉଁମାନେ ସମ୍ପତ୍ତି ଏବଂ କ୍ଷମତାର ଦ୍ୱିବିଧ ପ୍ରଭାବ ବଳରେ ଶାସନ କାର୍ଯ୍ୟକୁ ଅତ୍ୟନ୍ତ ଦୃଢ଼ତାର ସହିତ ପରିଚାଳନା କରୁଛନ୍ତି। ଏହି ଶାସକମାନଙ୍କ ଗଠନ ଓ ଯାତ୍ରାକୁ ଅନୁଧ୍ୟାନ କଲେ ଜଣାଯାଏ ଯେ, ସେମାନଙ୍କ ମଧ୍ୟରୁ ଏକ-ପଞ୍ଚମାଂଶ କେବଳ ସମ୍ପତ୍ତିକୁ ମାଧ୍ୟମ କରି କ୍ଷମତାକୁ ଆସିଥିବାବେଳେ, ଦୁଇ-ପଞ୍ଚମାଂଶ କ୍ଷମତାକୁ ଆଧାର କରି ସମ୍ପତ୍ତି ଅର୍ଜନ କରିଛନ୍ତି ଏବଂ ଅବଶିଷ୍ଟ ବହୁସଂଖ୍ୟକ ନେତା ଉଭୟ ସମ୍ପତ୍ତି ଓ କ୍ଷମତାର ସଂଯୋଗରେ ଆଗକୁ ବଢ଼ିଛନ୍ତି। ଏମାନଙ୍କ ମଧ୍ୟରୁ ଅଧିକାଂଶ ବ୍ୟକ୍ତି ନିଜର ପାରିବାରିକ ଉତ୍ତରାଧିକାର ସୂତ୍ରରେ କିମ୍ବା ପ୍ରଭାବଶାଳୀ ରାଜନୈତିକ ଓ ବ୍ୟବସାୟିକ ସମ୍ପର୍କ ମାଧ୍ୟମରେ ଏହି ସ୍ଥିତିକୁ ହାସଲ କରିଥାଆନ୍ତି। ଉଦାହରଣ ସ୍ୱରୂପ, ଦକ୍ଷିଣ ଆଫ୍ରିକା ଏବଂ ଚେକ୍ ପ୍ରଜାତନ୍ତ୍ର ଭଳି ଦେଶରେ ରାଜନୈତିକ ଦଳ କିମ୍ବା ବଡ଼ ବଡ଼ ବ୍ୟବସାୟିକ ପ୍ରତିଷ୍ଠାନ ସହିତ ସଂପୃକ୍ତି ରହିବା ଦ୍ୱାରା ନେତାମାନେ ସମ୍ପତ୍ତି ଓ କ୍ଷମତା ହାସଲ କରିବାରେ ସଫଳ ହୋଇଛନ୍ତି। ବିଶେଷ କରି ଆଧୁନିକ ଡିଜିଟାଲ୍ ଯୁଗରେ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରର ବିଲିୟନେୟାର ଏବଂ ବଡ଼ ବଡ଼ ବ୍ୟବସାୟିକ ଗୋଷ୍ଠୀର ମୁଖ୍ୟମାନେ ସରକାରୀ ନୀତିନିୟମ, ବ୍ୟବସାୟିକ ଚୁକ୍ତି ଏବଂ ସାଧାରଣ ଜନତାଙ୍କ ଚିନ୍ତାଧାରାକୁ ନିୟନ୍ତ୍ରଣ କରିବାରେ ଏକ ଅସାଧାରଣ ଏବଂ ଅପରିସୀମ କ୍ଷମତା ହାସଲ କରୁଛନ୍ତି। ସୋସିଆଲ ମିଡିଆ ପ୍ଲାଟଫର୍ମ, ଅନଲାଇନ୍ ସର୍ଚ୍ଚ ଇଞ୍ଜିନ୍ ଏବଂ ବିଭିନ୍ନ ଡିଜିଟାଲ୍ ମାଧ୍ୟମ ମାଧ୍ୟମରେ ସାଧାରଣ ଜନତା କ'ଣ ଦେଖୁଛନ୍ତି, କ'ଣ ଜାଣୁଛନ୍ତି ଏବଂ ଶେଷରେ କ'ଣ ବିଶ୍ୱାସ କରୁଛନ୍ତି, ତାହାକୁ ସମ୍ପୂର୍ଣ୍ଣ ଭାବରେ ପ୍ରଭାବିତ କରିବାର ଅମାପ ଶକ୍ତି ଏହି ପ୍ରଯୁକ୍ତିବିଦ୍ୟା ମାଲିକମାନଙ୍କ ହାତରେ ରହିଛି, ଯାହାକି ଆଜିର ସମୟରେ ରାଷ୍ଟ୍ରୀୟ ସୀମାକୁ ମଧ୍ୟ ଅତିକ୍ରମ କରିଯାଉଛି।

ମଦ ନିଶା ଏକ ମାନସିକ ସମସ୍ୟା

ଦିବ୍ୟାଂଶୁ ସୁନ୍ଦର ପରିଡ଼ା

ବିଗତ କିଛି ବର୍ଷ ମଧ୍ୟରେ ମଦ ନିଶା ଆମ ସମାଜରେ ଏକ ଅତ୍ୟନ୍ତ ଗମ୍ଭୀର ସମସ୍ୟାରେ ପରିଣତ ହୋଇଛି। ମଦ ନିଶା ସେବନ ଯୋଗୁଁ ବ୍ୟକ୍ତିର ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଉପରେ ଅତ୍ୟନ୍ତ କ୍ଷତିକାରକ ପ୍ରଭାବ ପଡ଼ିବା ସହିତ ତାହାର ପାରିବାରିକ ଏବଂ ସାମାଜିକ ଜୀବନ ମଧ୍ୟ ସମ୍ପୂର୍ଣ୍ଣ ରୂପେ ବାଧାପ୍ରାପ୍ତ ହେଉଛି। ଧୀରେ ଧୀରେ ମଦ ନିଶାର ପ୍ରକୋପ ବଢ଼ିବାରେ ଲାଗିଥିବାରୁ ଏହା ଚିନ୍ତାର ବିଷୟ ପାଲଟିଛି। ଏହାର ବୃଦ୍ଧି ପଛରେ ଅନେକଗୁଡ଼ିଏ କାରଣ ରହିଛି। ପ୍ରଥମତଃ, ମଦ ସେବନ ଶରୀର ଓ ମନ ପ୍ରତି କେତେ ମାତ୍ରାରେ ହାନିକାରକ, ସେ ସମ୍ବନ୍ଧରେ ଅନେକ ଲୋକଙ୍କ ମଧ୍ୟରେ ସଠିକ୍ ସୂଚନାର ଅଭାବ ପରିଲକ୍ଷିତ ହୋଇଥାଏ। ଏହା ବ୍ୟତୀତ ମଦ ନିଶା ଛାଡ଼ିବା ପାଇଁ ଆବଶ୍ୟକ ହେଉଥିବା ଉଚିତ ଚିକିତ୍ସା ସେବା ରୋଗୀମାନେ ସହଜରେ ପାଇ ପାରୁନାହାନ୍ତି। ସାଧାରଣତଃ ଅନେକ ଲୋକ ମଦ ପିଇବାକୁ କେବଳ ଏକ ବ୍ୟବହାରିକ ସମସ୍ୟା ବୋଲି ଭାବି ଭୁଲ୍? କରିଥାନ୍ତି, ମାତ୍ର ଚିକିତ୍ସା ବିଜ୍ଞାନ ଅନୁଯାୟୀ ଏହା ଏକ ଗମ୍ଭୀର ମାନସିକ ସମସ୍ୟା ଅଟେ। ତେଣୁ ଏହାର ସଠିକ୍ ଓ ବୈଜ୍ଞାନିକ ଉପାୟରେ ଚିକିତ୍ସା କରିବା ଅତ୍ୟନ୍ତ ଜରୁରୀ ଅଟେ। ସମୟ ସହିତ ମଦ ନିଶାର ଚିକିତ୍ସା ନିମନ୍ତେ ଅନେକ ଆଧୁନିକ ଓ ଉନ୍ନତ ପଦ୍ଧତି ବ୍ୟବହାର କରାଗଲାଣି, ଯାହାଫଳରେ ଅନେକ ରୋଗୀ ଏହି ନିଶାର କବଳରୁ ମୁକ୍ତି ପାଇ ସ୍ୱାଭାବିକ ଜୀବନଯାପନ କରିପାରୁଛନ୍ତି।

ମଦ ନିଶା ସାଧାରଣତଃ ଅଳ୍ପ ମାତ୍ରାରୁ ଆରମ୍ଭ ହୋଇଥାଏ ଏବଂ କ୍ରମଶଃ ଏହାର ପରିମାଣ ବଢ଼ିବାରେ ଲାଗିଥାଏ। ଖୁବ୍ କମ୍ ଦିନ ମଧ୍ୟରେ ଏହା ଏକ ଦୁରାରୋଗ୍ୟ ଅଭ୍ୟାସରେ ପରିଣତ ହୋଇଯାଏ, ଯାହା ପରେ ଛାଡ଼ିବା ବ୍ୟକ୍ତିବିଶେଷଙ୍କ ପାଇଁ ଅତ୍ୟନ୍ତ କଷ୍ଟକର ହୋଇପଡ଼େ। ଯେଉଁମାନେ ଜୀବନର ସାମାନ୍ୟ ଅସୁବିଧା କିମ୍ବା ପ୍ରତିକୂଳ ପରିସ୍ଥିତିରେ ନିରାଶ ହୋଇ ଭାଙ୍ଗିପଡ଼ନ୍ତି, ସେମାନଙ୍କ ପକ୍ଷରୁ ମଦ ନିଶା ପ୍ରତି ଆସକ୍ତ ହେବାର ସମ୍ଭାବନା ଅଧିକ ରହିଥାଏ। ବିଭିନ୍ନ ବୈଜ୍ଞାନିକ ଗବେଷଣାରୁ ଏହା ମଧ୍ୟ ଜଣାପଡ଼ିଛି ଯେ, ଯେଉଁ ପିତାମାତାମାନେ ନିୟମିତ ମଦ ନିଶା ସେବନ କରିଥାନ୍ତି, ସେମାନଙ୍କ ସନ୍ତାନସନ୍ତତିମାନଙ୍କ ମଧ୍ୟରେ ମଦ ସେବନ କରିବାର ପ୍ରବୃତ୍ତି ଅଧିକ ପରିଲକ୍ଷିତ ହୁଏ। ଏଥିପାଇଁ ଜିନ୍?ଗତ ବା ବଂଶଗତ କାରଣ ଏବଂ ପାରିପାର୍ଶ୍ୱିକ ପରିସ୍ଥିତି ଉଭୟ ସମାନ ଭାବରେ ଦାୟୀ ଅଟନ୍ତି।

ଦୀର୍ଘଦିନ ଧରି ଅତ୍ୟଧିକ ମଦ ସେବନ କରିବା ଦ୍ୱାରା ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ଗୁରୁତର ଭାବରେ ପ୍ରଭାବିତ ହୋଇଥାଏ। ଏହାର କୁପ୍ରଭାବ ଫଳରେ ଯକୃତ ଜନିତ ବିଭିନ୍ନ ଜଟିଳ ରୋଗ ଯଥା ହେପାଟାଇଟିସ୍, ଜଣ୍ଡିସ୍, ଫ୍ୟାଟି ଲିଭର୍, ସିରୋସିସ୍ ଏବଂ ଯକୃତ ଅକାମୀ ହେବା ଭଳି ସମସ୍ୟା ଦେଖାଦିଏ। ଏହାଛଡ଼ା ଅଗ୍ନ୍ୟାଶୟ ଜନିତ ରୋଗ, ପାକସ୍ଥଳୀ ଓ ଯକୃତ କର୍କଟ ଭଳି ଭୟଙ୍କର ରୋଗ ଏବଂ ଗୋଡ଼ହାତ ଦୁର୍ବଳ ହୋଇଯିବା, ଛୁଞ୍ଚି ଫୋଡ଼ି ହେଲା ଭଳି ଅନୁଭବ ହେବା ଓ ମାଂସପେଶୀ କ୍ଷୟ ହେବା ଭଳି ଅନେକ ସ୍ନାୟୁଜନିତ ସମସ୍ୟା ମଧ୍ୟ ସୃଷ୍ଟି ହୋଇଥାଏ। ମଦ ସେବନ ଯୋଗୁଁ ଶାରୀରିକ ସ୍ୱାସ୍ଥ୍ୟ ସହିତ ମାନସିକ ସ୍ୱାସ୍ଥ୍ୟ ମଧ୍ୟ ବିଗିଡ଼ିଯାଇଥାଏ। ଅନିଦ୍ରା, ଅବସାଦ, ମାନସିକ ଉନ୍ମାଦନା, ସାଇକୋସିସ୍ ଏବଂ ଅତ୍ୟଧିକ ଚିନ୍ତାଗ୍ରସ୍ତ ହେବା ଭଳି ମାନସିକ ସମସ୍ୟାଗୁଡ଼ିକ ଆରମ୍ଭ ହୋଇଯାଏ। ଅନେକ ଲୋକଙ୍କ ମଧ୍ୟରେ ଏକ ଭ୍ରାନ୍ତ ଧାରଣା ରହିଥାଏ ଯେ ରାତିରେ ନିଦ ନ ହେଲେ ମଦ ପିଇବା ଦ୍ୱାରା ନିଦ ଭଲ ଆସିଥାଏ। ମଦ ପିଇବା ମାତ୍ରେ ଶୀଘ୍ର ନିଦ ଆସିଯାଉଥିବା ଭାଗ୍ୟରେ ଜଣାପଡ଼ିଲେ ମଧ୍ୟ ଏହା ଦ୍ୱାରା ରାତିରେ ବାରମ୍ବାର ନିଦ ଭାଙ୍ଗିଥାଏ ଏବଂ ଥରେ ନିଦ ଭାଙ୍ଗିଗଲେ ପୁଣି ଶୋଇବାକୁ ବହୁତ ସମୟ ଲାଗିଥାଏ। ବ୍ୟକ୍ତି ଯେତିକି ସମୟ ଶୋଇଥାଏ, ତାହାର ନିଦ ଅତ୍ୟନ୍ତ ହାଲୁକା ଓ ଅସ୍ଥାୟୀ ହୋଇଥାଏ।

ଦୀର୍ଘକାଳୀନ ମଦ ସେବନ କାରଣରୁ ଶରୀରରେ 'ଥାୟାମିନ୍' ନାମକ ଜରୁରୀ ଭିଟାମିନ୍‌ର ପ୍ରଚୁର ଅଭାବ ପରିଲକ୍ଷିତ ହୋଇଥାଏ, ଯାହାଫଳରେ ରୋଗୀର ମସ୍ତିଷ୍କ ଉପରେ ସବୁଦିନ ପାଇଁ କୁପ୍ରଭାବ ପଡ଼ିଥାଏ। ଏହାର ପରିଣାମସ୍ୱରୂପ ରୋଗୀର ସ୍ମରଣ ଶକ୍ତି ଦିନକୁ ଦିନ ହ୍ରାସ ପାଇଥାଏ, ସେ ସ୍ପଷ୍ଟ ଭାବରେ କଥାବାର୍ତ୍ତା କରିପାରେ ନାହିଁ ଏବଂ ଢଳି ଢଳି ଚାଲିବାକୁ ଲାଗେ। ଏହି ସବୁ ଲକ୍ଷଣ ପ୍ରକାଶ ପାଇବା ପରେ ସାଧାରଣତଃ ଚିକିତ୍ସା ଦ୍ୱାରା ସମ୍ପୂର୍ଣ୍ଣ ସୁଫଳ ମିଳିବାର ସମ୍ଭାବନା ବହୁତ କମିଯାଇଥାଏ। ଏହାବ୍ୟତୀତ ମଦ ନିଶା ସେବନ ଯୋଗୁଁ ଅନେକ ବ୍ୟକ୍ତିଙ୍କଠାରେ ଗୁରୁତର ଯୌନ ସମସ୍ୟାମାନ ମଧ୍ୟ ଦେଖାଦେଇଥାଏ। କେବଳ ଶାରୀରିକ କି ମାନସିକ ସ୍ୱାସ୍ଥ୍ୟ ନୁହେଁ, ବରଂ ମଦ ନିଶା କାରଣରୁ ବ୍ୟକ୍ତିର ପାରିବାରିକ ଏବଂ ସାମାଜିକ ଜୀବନ ମଧ୍ୟ ସମ୍ପୂର୍ଣ୍ଣ ଭାବରେ ଭାଙ୍ଗିପଡ଼େ। ପରିବାରରେ କ୍ରମାଗତ ଅଶାନ୍ତି, ପରସ୍ପର ମଧ୍ୟରେ କଳହ, ଘରୋଇ ହିଂସା, ଗୁରୁତର ଆର୍ଥିକ ଅନଟନ ଏବଂ ଘରର କୋମଳମତି ପିଲାମାନଙ୍କ ମାନସିକ ସ୍ୱାସ୍ଥ୍ୟ ଉପରେ ଏହାର ଅତ୍ୟନ୍ତ କୁପ୍ରଭାବ ପଡ଼ିଥାଏ।

ଯଦି କୌଣସି ବ୍ୟକ୍ତି ମଦ ପିଇବାକୁ ଏକ ନିଶା ବା ଅଭ୍ୟାସରେ ପରିଣତ କରିସାରିଥାଏ, ତେବେ ତାହାର ଶରୀର ଓ ମନ ମଦ ପ୍ରତି ସମ୍ପୂର୍ଣ୍ଣ ନିର୍ଭରଶୀଳ ହୋଇଯାଏ। କୌଣସି କାରଣରୁ ହଠାତ୍ ନିଶା ଦ୍ରବ୍ୟ ସେବନ ବନ୍ଦ ହୋଇଗଲେ ବ୍ୟକ୍ତିର ଶରୀର ଏବଂ ମସ୍ତିଷ୍କ ଉପରେ ଏହାର ପ୍ରତିକୂଳ ପ୍ରଭାବ ପଡ଼ିଥାଏ, ଯାହାକୁ ପ୍ରତ୍ୟାହାର ଲକ୍ଷଣ ବୋଲି କୁହାଯାଏ। ଏହି ସମୟରେ ମଦ ପିଇବା ପାଇଁ ମନରେ ପ୍ରବଳ ଆସକ୍ତି ବା ଇଚ୍ଛା ସୃଷ୍ଟି ହୁଏ, ରାତିରେ ଆଦୌ ନିଦ ହୁଏ ନାହିଁ, ହାତଗୋଡ଼ ଥରିବାକୁ ଲାଗେ, ମନରେ ଅସ୍ଥିରତା, ବିବ୍ରତ ଭାବ ଏବଂ ଅଜଣା ଭୟ ସୃଷ୍ଟି ହୁଏ। ଏହାସହିତ ଛାତି ଜୋର୍‌ରେ ଧଡ଼ଧଡ଼ ହେବା, ଅତ୍ୟଧିକ ଝାଳ ବହିବା ଏବଂ ବାନ୍ତି ଲାଗିବା ଭଳି ଲକ୍ଷଣ ପ୍ରକାଶ ପାଏ। ଏହି ସମସ୍ୟାଗୁଡ଼ିକ ସାଧାରଣତଃ ଚାରିରୁ ସାତ ଦିନ ପର୍ଯ୍ୟନ୍ତ ଜାରି ରହିଥାଏ। ଯେଉଁ ବ୍ୟକ୍ତିମାନେ ବହୁଦିନ ଧରି ଏବଂ ଅଧିକ ମାତ୍ରାରେ ମଦ ସେବନ କରୁଥାଆନ୍ତି ଏବଂ ବିନା କୌଣସି ଡାକ୍ତରୀ ପରାମର୍ଶ କିମ୍ବା ଚିକିତ୍ସାରେ ହଠାତ୍ ମଦ ପିଇବା ସମ୍ପୂର୍ଣ୍ଣ ବନ୍ଦ କରିଦିଅନ୍ତି, ସେମାନଙ୍କ ଶରୀରରେ ଅତ୍ୟନ୍ତ ଗମ୍ଭୀର ଓ ବିପଜ୍ଜନକ ଲକ୍ଷଣମାନ ଦେଖାଯାଇଥାଏ। ଏହି ସ୍ଥିତିରେ ବାତ ମାରିବା, ଦେହ ଅତ୍ୟଧିକ ଜୋର୍‌ରେ ଥରିବା, କାନରେ ଅଜବ ଶୂନ୍ୟ ବାଣୀ ଶୁଭାଯିବା, ଆଖିରେ କୌଣସି ଅବାସ୍ତବ ବସ୍ତୁ ବା ଦୃଶ୍ୟ ଦେଖାଯିବା ଏବଂ ନିଜର ସ୍ଥାନ, କାଳ ଓ ପାତ୍ରର ସାମାନ୍ୟ ଜ୍ଞାନ ନ ରହିବା ଭଳି ଜଟିଳ ପରିସ୍ଥିତି ସୃଷ୍ଟି ହୁଏ। ଏପରିକି ଏହି ଅବସ୍ଥାରେ ସମ୍ପୃକ୍ତ ବ୍ୟକ୍ତିର ମୃତ୍ୟୁ ହେବାର ଆଶଙ୍କା ମଧ୍ୟ ବହୁ ମାତ୍ରାରେ ବଢ଼ିଯାଇଥାଏ।

ଏହି ସମସ୍ୟାରୁ ମୁକ୍ତି ପାଇବା ପାଇଁ ମଦ ନିଶାର ଚିକିତ୍ସା ନିମନ୍ତେ ଜଣେ ଅଭିଜ୍ଞ ମାନସିକ ରୋଗ ବିଶେଷଜ୍ଞଙ୍କ ସହିତ ପରାମର୍ଶ କରିବା ସବୁଠାରୁ ଶ୍ରେୟସ୍କର। ମଦ ନିଶା ସେବନ କରୁଥିବା ବ୍ୟକ୍ତିମାନେ ବିଭିନ୍ନ ପ୍ରକାରର ହୋଇଥାନ୍ତି। କେତେକ ବ୍ୟକ୍ତି ମଦର ଶରୀର ଉପରେ ପଡୁଥିବା କୁପ୍ରଭାବ ସମ୍ପୂର୍ଣ୍ଣ ଜାଣିଶୁଣି ମଧ୍ୟ ନିଜେ ମଦ ଛାଡ଼ିବାକୁ ଆଦୌ ଚାହାନ୍ତି ନାହିଁ। ଅନ୍ୟ କେତେକ ଲୋକ ମଦ ଛାଡ଼ିବାକୁ ଦୃଢ଼ ଭାବରେ ଇଚ୍ଛା କରୁଥିଲେ ମଧ୍ୟ ମଦ ଛାଡ଼ିବା ପରେ ଶରୀରରେ ଯେଉଁ ଅସହ୍ୟ ଯନ୍ତ୍ରଣା ହୋଇଥାଏ ତାହାକୁ ସହ୍ୟ କରି ନ ପାରି ପୁନର୍ବାୟ ନିଶା ସେବନ ଜାରି ରଖିଥାନ୍ତି। ଏହାବ୍ୟତୀତ ଆଉ କେତେକ ଲୋକ କୁସଙ୍ଗରେ ପଡ଼ି ମଦ୍ୟପାନ ଆରମ୍ଭ କରିଥାନ୍ତି ଏବଂ ମଦ ଛାଡ଼ିବାକୁ ମନ ଥିଲେ ମଧ୍ୟ ସାଙ୍ଗସାଥୀମାନଙ୍କର ଅତ୍ୟଧିକ ଚାପ ଯୋଗୁଁ ନିଶା ଛାଡ଼ିପାରନ୍ତି ନାହିଁ। ତେଣୁ କେଉଁ ରୋଗୀକୁ କି ପ୍ରକାରର ଚିକିତ୍ସା ପ୍ରଦାନ କରାଯିବ, ତାହା ସମ୍ପୂର୍ଣ୍ଣ ଭାବରେ ସେହି ବ୍ୟକ୍ତିବିଶେଷଙ୍କର ଶାରୀରିକ ଓ ମାନସିକ ଅବସ୍ଥା ଉପରେ ନିର୍ଭର କରିଥାଏ।

ସଫଳ ଚିକିତ୍ସା ପାଇଁ ପ୍ରଥମତଃ ରୋଗୀର ନିଜ ଭିତରେ ନିଶା ଛାଡ଼ିବାର ଦୃଢ଼ ଇଚ୍ଛାଶକ୍ତି ରହିବା ଅତ୍ୟନ୍ତ ଜରୁରୀ। ରୋଗୀର ନିଜର ଇଚ୍ଛାଶକ୍ତି ନ ରହିଲେ ଯେତେ ଉନ୍ନତ ଚିକିତ୍ସା କରାଇଲେ ମଧ୍ୟ ତାହା ସଫଳ ହୋଇ ନ ଥାଏ। ମଦ ନିଶାକୁ ସମ୍ପୂର୍ଣ୍ଣ ରୂପେ ଦୂର କରିବା ପାଇଁ ଔଷଧପତ୍ର ସହିତ ମନସ୍ତାତ୍ତ୍ୱିକ ଚିକିତ୍ସା ଏବଂ ବ୍ୟବହାରିକ ପରିବର୍ତ୍ତନ ନିମନ୍ତେ ବିଶେଷ ପଦକ୍ଷେପ ନିଆଯାଇଥାଏ। ମଦ ଛାଡ଼ିବା ପରେ ଶରୀରରେ ଯେଉଁ କଷ୍ଟଦାୟକ ପ୍ରତ୍ୟାହାର ଲକ୍ଷଣମାନ ଦେଖାଦେଇଥାଏ, ସେଗୁଡ଼ିକୁ ନିୟନ୍ତ୍ରଣ କରିବା କିମ୍ବା ରୋକିବା ପାଇଁ ଡାକ୍ତରମାନେ କେତେକ ନିର୍ଦ୍ଦିଷ୍ଟ ମେଡିସିନ୍ ବ୍ୟବହାର କରିଥାନ୍ତି। ଏହି ଔଷଧଗୁଡ଼ିକର ବ୍ୟବହାର ଦ୍ୱାରା ରୋଗୀ ବିନା କୌଣସି ପ୍ରକାରର ଅଧିକ କଷ୍ଟରେ ବା ସ୍ୱଳ୍ପ କଷ୍ଟରେ ସହଜରେ ମଦ ଛାଡ଼ିପାରିବ। ସାଧାରଣତଃ ଏହି ଔଷଧଗୁଡ଼ିକ ଅଳ୍ପ କିଛି ଦିନ ଅର୍ଥାତ୍ ଏକରୁ ଦୁଇ ସପ୍ତାହ ପର୍ଯ୍ୟନ୍ତ ରୋଗୀକୁ ପ୍ରଦାନ କରାଯାଏ ଏବଂ ପରେ ତାହା ବନ୍ଦ କରିଦିଆଯାଏ। ମାତ୍ର ଯେଉଁମାନେ ବହୁତ ଦିନ ଧରି ଅତ୍ୟଧିକ ମାତ୍ରାରେ ମଦ ପିଉଥାଆନ୍ତି, ସେମାନଙ୍କୁ ସାମାନ୍ୟ ଅଧିକ ଦିନ ପର୍ଯ୍ୟନ୍ତ ଏହି ମେଡିସିନ୍ ଖାଇବାକୁ ଦେବାକୁ ପଡ଼ିଥାଏ। ଏହାବ୍ୟତୀତ ଅନ୍ୟ କେତେକ ଏଭଳି ଔଷଧ ରହିଛି ଯାହାର ମୁଖ୍ୟ କାର୍ଯ୍ୟ ହେଲା ମଦ ପିଇବା ସମ୍ପୂର୍ଣ୍ଣ ବନ୍ଦ କରିବା ପରେ ରୋଗୀର ମନରେ ମଦ ପାଇଁ ଯେଉଁ ପ୍ରବଳ ଆସକ୍ତି ବା ଇଚ୍ଛା ଜାତ ହୁଏ, ତାହାକୁ ହ୍ରାସ କରିବା। ଆଉ କିଛି ଔଷଧ ମଧ୍ୟ ରହିଛି ଯାହାକୁ ଗ୍ରହଣ କଲେ ରୋଗୀ ଯଦି ପୁଣିଥରେ ଲୁଚିକି ମଦ ପିଏ, ତେବେ ତାହା ମସ୍ତିଷ୍କରେ ପୂର୍ବ ଭଳି କୌଣସି ଆନନ୍ଦ କିମ୍ବା ଖୁସି ଦେଇନଥାଏ, ଯାହାଫଳରେ ରୋଗୀର ମନରୁ ମଦ ପ୍ରତି ଆଗ୍ରହ କମିଯାଏ। ଏହାଛଡ଼ା କେତେକ ଏପରି ଔଷଧ ମଧ୍ୟ ରହିଥାଏ ଯାହାକୁ ଖାଇବା ପରେ ବ୍ୟକ୍ତି ଯଦି ମଦ ସେବନ କରେ, ତେବେ ତାହାର ଶରୀରରେ ଅତ୍ୟନ୍ତ ତୀବ୍ର ଏବଂ ବିପଜ୍ଜନକ ପ୍ରତିକ୍ରିୟା ଦେଖାଯାଇଥାଏ।

ଜାତୀୟ ଚେତନା
JATIYA CHETANA

୪୬ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେରଫେର ଅଭିଯୋଗରେ ସରପଞ୍ଚ ଗିରଫ



ଜଗତସିଂହପୁର (ଜା.ପ୍ର) ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ବାଲିଆ ପଞ୍ଚାୟତର ସରପଞ୍ଚ ସରୋଜିନୀ ନାୟକଙ୍କୁ ଭୁବନେଶ୍ୱରରୁ ଗିରଫ କରିଛି ପୋଲିସ। ପଞ୍ଚାୟତରେ ୪୬ ଲକ୍ଷ ୮୬ ହଜାର ୨୦୨ ଟଙ୍କା ସରକାରୀ ଅର୍ଥ ହେରଫେର ଅଭିଯୋଗରେ ପୂର୍ବରୁ ନିର୍ବାହୀ ଅଧିକାରୀ ରଘୁନାଥ ଚମ୍ପିଆ ଗିରଫ ହୋଇଥିଲେ। ଆଜି ସରପଞ୍ଚଙ୍କୁ କୋର୍ଟରେ ହାଜର କରାଯିବା ପରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି। ଅନ୍ୟପଟେ ପଞ୍ଚାୟତ ଅଧୀନ ନଦୀରେ ବିନା ନିଲାମରେ ମାଛ ଚାଷ ହେଉଥିବା ଅଭିଯୋଗର ମଧ୍ୟ ତଦନ୍ତ ଦାବି ହୋଇଛି।

ପେସାଦାର ଅପରାଧୀ ସନ୍ତୋଷଙ୍କୁ ଗାଁ ଦାଣ୍ଡରେ ଗୋଡ଼ାଇ ଗୋଡ଼ାଇ ହାଣି ହତ୍ୟା

ଭୁବନେଶ୍ୱର,(ଜା.ପ୍ର): ଗଞ୍ଜାମ ଜିଲ୍ଲା ବ୍ରହ୍ମପୁରରେ ଏବେ ପର୍ବପର୍ବାଣିରେ ଗଡୁଛି ମୁଣ୍ଡ। ଗତବର୍ଷ କୁମାର ପୂର୍ଣ୍ଣିମାରେ ଭାଜପା ନେତା ତଥା ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ହତ୍ୟା କରାଯାଇଥିଲା। ଚଳିତ ବର୍ଷ ଦୀପାବଳିରେ ବି ନିମଖଣ୍ଡି ଥାନା ଅନ୍ତର୍ଗତ ଯୋଗିଆପଲ୍ଲୀରେ ସନ୍ତୋଷ ପାତ୍ର(୩୫)ଙ୍କୁ ଦୁର୍ବୃତ୍ତମାନେ ଗୋଡ଼ାଇ ଗୋଡ଼ଇ ଖଣ୍ଡାରେ ହାଣି ହତ୍ୟା କରିଛନ୍ତି। ଘଟଣାକୁ ନେଇ ଗାଁ 'ରେ ଚାଞ୍ଚଲ୍ୟ ଖେଳିଯାଇଛି। ପୋଲିସ ସେଠାରେ ପହଞ୍ଚି ତଦନ୍ତ କରୁଛି। ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧନୀ କୁକୁରର ସହାୟତା ନିଆଯାଇଛି। ସନ୍ତୋଷଙ୍କ ନାମରେ ହତ୍ୟା, ଡକାୟତି, ଦାଦବଟି ମାଗିବା ଭଳି ଏକାଧିକ ସଙ୍ଗୀନ ମାମଲା ରହିଛି। ପ୍ରକାଶ ଯେ, ଯୋଗିଆପଲ୍ଲୀରେ କୋଠିଶାଳ ଯାତ୍ରା ଚାଲିଛି। ଜଣେ ଯୁବତୀଙ୍କୁ ପ୍ରେମ ସମ୍ପର୍କକୁ ନେଇ ଶନିବାର ସନ୍ଧ୍ୟାରେ ସନ୍ତୋଷଙ୍କ ସହ ଅନ୍ୟ ଗୋଷ୍ଠୀର ଯୁବକ ସହ ଝଗଡ଼ା ହୋଇଥିଲା। ଆଜି ସକାଳେ ସନ୍ତୋଷ ପୁଣିଥରେ ଝଗଡା ପାଇଁ ଯାଇଥିବା ବେଳେ ଅନ୍ୟ ଗୋଷ୍ଠୀର ଯୁବକମାନେ ତାଙ୍କୁ ସାଙ୍ଗବନ୍ଧ ଭାବେ ଅତି ନିର୍ମମ ଭାବେ ଗାଁ ଦାଣ୍ଡରେ ହାଣିଛନ୍ତି। ସନ୍ତୋଷ ସହ ତାଙ୍କ ବାପା ମଧ୍ୟ ସେଠାକୁ ଯାଇଥିବା ବେଳେ ତାଙ୍କୁ ମଧ୍ୟ ଆକ୍ରମଣ କରାଯାଇଛି। ସନ୍ତୋଷଙ୍କ ମୃତ୍ୟୁ ହୋଇଥିବା ବେଳେ ତାଙ୍କ ବାପା ଆହତ ହୋଇ ଏବେ ଏମକେସିଜି ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ଉକ୍ତ ଗ୍ରାମର ହିଁ କିଛି ଯୁବକ ହତ୍ୟା କରିଥିବା ପୋଲିସ ତଦନ୍ତରେ ଜଣାପଡିଛି। ପର୍ବ ପର୍ବାଣୀର ସୁଯୋଗ ନେଇ ମୁଣ୍ଡ ଗଡାଉଛନ୍ତି ଅପରାଧୀ। ଗାଁରେ ସନ୍ତୋଷଙ୍କ ଖାତିର ଥିବାବେଳେ ଗତକାଲି ତାଙ୍କ ପରିବାର ଲୋକଙ୍କୁ ଅସଦାଚରଣ ହୋଇଥିଲା। ଏହି କଥା ସେ ପଚାରିବାକୁ ଯାଇଥିବାବେଳେ କିଛି ଯୁବକ ଖଣ୍ଡା ଚୋଟ ପକାଇଛନ୍ତି। ତାଙ୍କର କିଛି ରାଜନୈତିକ ଓ ବ୍ୟବସାୟିକ ଲୋକଙ୍କ ସହ ଶତ୍ରୁତା ଥିବା ଜଣାପଡ଼ିଛି।

ଆସନ୍ତା ୨୯ରେ ପାଳନ ହେବ ନୂଆଁଖାଇ ଭେଟଘାଟ



ଭୁବନେଶ୍ୱର,(ଜା.ପ୍ର): ରାଜଧାନୀରେ ବସବାସ କରୁଥିବା ପଶ୍ଚିମ ଓଡ଼ିଶାର ସବୁ ଜିଲ୍ଲାର ଭାଇ ଭଉଣୀ ମାନଙ୍କ ଦ୍ୱାରା ଗଠିତ ହୋଇଥିବା ପଶ୍ଚିମ ଓଡ଼ିଶା ଅଗ୍ରଣୀ ସଂଗଠନର ଏକ ଜରୁରୀ କାର୍ଯ୍ୟ କାରିଣୀ ବୈଠକ ମା ସମଲେଇ ଟ୍ରଷ୍ଟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ସମ୍ପାଦିକା ତଥା ପଶ୍ଚିମ ଓଡ଼ିଶାର ମହିଳା ସସକ୍ତିକର ନ, ଆର୍ଥିକ ସ୍ୱାଧୀନତା ଓ ଆତ୍ମ ବିଶ୍ୱାସ ବୃଦ୍ଧି ତଥା ସାମାଜିକ ସମ୍ମାନ ସୁରକ୍ଷା ପାଇଁ ସେବା ସମର୍ପଣ ଭାବନା ନେଇ ଅହରହ କାର୍ଯ୍ୟ କରି ନିଜକୁ ରାଷ୍ଟ୍ର ନିର୍ମାଣରେ ନିୟୋଜିତ କରିଥିବା ମହିଳା ପ୍ରତିଭା ସୃତିଶିଖା ମହାପାତ୍ରଙ୍କ ଆହ୍ୱାନ ରେ ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକାରିଣୀ ବୈଠକରେ ସଂଗଠନର ସମସ୍ତ ବରିଷ୍ଠ ସଦସ୍ୟ ମାନେ ଏକାଠି ହୋଇ ଖୁବ୍ ଶୀଘ୍ର ଏକ ଭବ୍ୟ ସମଲେଇ ମନ୍ଦିର ନିର୍ମାଣ କରିବା ପାଇଁ ଦୃଢ଼ ସଂକଳ୍ପ ପାରିତ କରିଥିଲେ। ସଂଗଠନର ମହାସଚିବ ତଥା ଜଣେ ସୁସଂଗଠକ, ଦକ୍ଷ ପ୍ରଶାସକ, ସଚ୍ଚୋଟ, କର୍ମନିଷ୍ଠ ଓ କର୍ତ୍ତବ୍ୟ ପରାୟଣ ଓ ସ୍ୱାଭିମାନର ସୂର୍ଯ୍ୟ ଦୁଃଖିଶ୍ୟାମ ଭଞ୍ଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକାରିଣୀ ବୈଠକରେ ଆସନ୍ତା ୨୯ ତାରିଖରେ ଆଦିବାସୀ ପଡ଼ିଆରେ ଏକ ବିରାଟ ସାଂସ୍କୃତିକ କାର୍ଯ୍ୟକ୍ରମ ନୂଆଁଖାଇ ଭେଟ ଘାଟ ପାଳନ କରିବାକୁ ସ୍ଥିର କରାଯାଇଥିଲା। ଆରମ୍ଭରେ ସଂଗଠନର ସଭାପତି ବରିଷ୍ଠ ଆଇନଜୀବୀ, ଅସହାୟ, ଗରିବ ମହିଳାଙ୍କ ନ୍ୟାୟ ପାଇଁ ସର୍ବଦା ଲଢ଼େଇ ଜାରି ରଖିଥିବା ଶ୍ରୀ ସଂଜୀବ ମିଶ୍ରଙ୍କ ନେତୃତ୍ୱରେ ରାଜ୍ୟ ସରକାର ମା ସମଲେଶ୍ୱରୀ ମନ୍ଦିର ପାଇଁ ଟଙ୍କପାଣି ରୋଡ ସ୍ଥିତ ସି ମନ୍ଦିର ନିକଟରେ ଦେଇଥିବା ଜମି ପରିଦର୍ଶନ ପାଇଁ ଯାଇଥିଲେ ଓ ସମସ୍ତ ବିଧାୟକ ଓ ସାଂସଦ ମାନଙ୍କୁ ଭେଟି ମନ୍ଦିର ନିର୍ମାଣ କାମରେ ସହଯୋଗ କରିବା ପାଇଁ ଆଲୋଚନା କରିବାକୁ ପଦକ୍ଷେପ ନେବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମରେ ପୂର୍ବତନ ସାଂସଦ ପ୍ରଭାସ ସିଂ, ବରିଷ୍ଠ ସ୍ତମ୍ଭ କାର ତଥା ଯୁବ ସମାଜର ଆଲୋକ ବର୍ତ୍ତିକା ସୃତକିର୍ତି ତ୍ରିପାଠୀ, ବରିଷ୍ଠ ବିଜେପି ନେତା ତଥା ଧର୍ମଗଡ଼ ବିଧାୟକଙ୍କ ବ୍ୟକ୍ତି ଗତ ସଚିବ ହୃଷୀକେଶ ପ୍ରଧାନ, ପୂବତନ ସଭାପତି ଉଦତ ଦେହୁରୀ ପ୍ରମୁଖ ଉପସ୍ଥିତ ରହି ପଶ୍ଚିମ ଓଡ଼ିଶାର ଲୋକ ମାନଙ୍କ ଦୀର୍ଘ ଦିନର ଦାବି ଓ ଆଶା ପୂରଣ ପାଇଁ ସମସ୍ତେ ଏକ ମନ ହୋଇ କଠିନ ପରିଶ୍ରମ କରି ସମସ୍ତଙ୍କ ସହୋଜୋଗରେ ମାଆଙ୍କ ମନ୍ଦିର ନିର୍ମାଣ କାର୍ଯ୍ୟ ଆଗେଇନେବା ପାଇଁ ପ୍ରତିଶ୍ରୁତି ବଦ୍ଧ ଥିଲେ। ଆବଶ୍ୟକ ପଡ଼ିଲେ ସରକାର ଦେଇଥିବା ଜମି ଉପରେ ଟାଟା ପାୱାରର ହାଇ ଭୋଲ୍ଟେଜ ତାର କାଢ଼ିବା ପାଇଁ ପଶ୍ଚିମ ଓଡ଼ିଶାର ଟାଣୁଆ ମନ୍ତ୍ରୀ ତଥା ଏନର୍ଜି ବିଭାଗର ମନ୍ତ୍ରୀ ମାନ୍ୟବର ଉପମୁଖ୍ୟ ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କୁ ଅନୁରୋଧ କରିବା ପାଇଁ ଓ ଜମି ସମସ୍ୟାର ସମାଧାନ ପାଇଁ ପଶ୍ଚିମ ଓଡ଼ିଶାର ବରିଷ୍ଠ ନେତା ତଥା ରାଜସ୍ୱ ମନ୍ତ୍ରୀଙ୍କ ସାହାଯ୍ୟ ନେବା ପାଇ ନଷ୍ପତ ଗ୍ରହଣ କରାଯାଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ କାର୍ଯ୍ୟ କାରିଣୀ ସଦସ୍ୟ ସଦାନନ୍ଦ ଭୋଇ, କୋଷାଧକ୍ଷ ଲୋକେଶ ଜଗତ ଓ ଅନ୍ୟାନ୍ୟ ବରିଷ୍ଠ ସଦସ୍ୟ ମାନେ ଉପସ୍ଥିତ ଥିଲେ।

କୋଶଳ ଉଚ୍ଚ ବିଦ୍ୟାଳୟରେ ସ୍କାଉଟ୍ସ ଗାଇଡସ୍ ପ୍ରତିଷ୍ଠା ଦିବସ ପାଳିତ




ସୁବର୍ଣ୍ଣପୁର,(ଜା.ପ୍ର): କୋଶଳ ଉଚ୍ଚ ବିଦ୍ୟାଳୟ,ସୋନପୁରରେ ଆଜି ସ୍କାଉଟ୍ସ ଗାଇଡସ୍ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରଧାନ ଆଚାର୍ଯ୍ୟ ଶ୍ରୀଯୁକ୍ତ ପରମା ନାଏକ ଅତିଥିମାନଙ୍କର ପରିଚୟ ରଖିବା ସହ ସଭିଙ୍କ ଉଦ୍ଦେଶ୍ୟରେ ସ୍ୱାଗତ ଅଭିଭାଷଣ ରଖିଥିଲେ ଓ ତାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମଟି ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ଗାଇଡ୍ ଶିକ୍ଷୟିତ୍ରୀ ସୁଶ୍ରୀ ସ୍ମିତା ରାଣୀ ନାୟକ ସଭାକୁ ସଂଯୋଜନା କରିବା ସହ ଦିବସର ଉଦ୍ଦେଶ୍ୟ ଉପସ୍ଥାପନ କରିଥିଲେ। ମୁଖ୍ୟ ଅତିଥି ଓ ସମ୍ମାନୀତ ଅତିଥିଙ୍କ ଉପସ୍ଥିତି କ୍ରମେ ସ୍କାଉଟ୍ସ ଓ ଗାଇଡସ୍ ଛାତ୍ର ଓ ଛାତ୍ରୀମାନଙ୍କ ଦ୍ୱାରା ପତାକା ଉତ୍ତୋଳନ କରିବା ପରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ସଭାରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା କ୍ରୀଡ଼ା ନିରୀକ୍ଷକ ଓ ଜିଲ୍ଲା ସ୍କାଉଟ୍ ଓ ଗାଇଡ୍ ସଂପାଦକ ଶ୍ରୀ ବାଲାଜୀ ବିଶ୍ୱନାଥ ଓ ସମ୍ମାନୀତ ଅତିଥି ଭାବେ ଜିଲ୍ଲା ସ୍କାଉଟ୍ ଓ ଗାଇଡ୍ ସଂଗଠନ କମିଶନର ଶ୍ରୀଯୁକ୍ତ ଅନନ୍ତରାମ ମେଣ୍ଡିଲି ଓ ଜିଲ୍ଲା ଗାଇଡ୍ ତାଲିମ କମିଶନର ଶ୍ରୀମତୀ ସନ୍ଧ୍ୟା ରାଣୀ ଖେତୀ ପ୍ରମୁଖ ଉପସ୍ଥିତ ରହି ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ସ୍କାଉଟ୍ ଓ ଗାଇଡ୍ ପ୍ରତିଷ୍ଠା ଦିବସ ପ୍ରତିବର୍ଷ ନଭେମ୍ବର ୭ ତାରିଖରେ ପାଳନ କରାଯାଏ ଏବଂ ଏହା ବିଶ୍ୱର ସବୁଠୁ ବଡ଼ ଯୁବ ସଂଗଠନ ଯାହା କି ଦେଶ ପ୍ରତି କର୍ତ୍ତବ୍ୟ, ଅନ୍ୟକୁ ସାହାଯ୍ୟ କରିବା ଏବଂ ବୃକ୍ଷ ରୋପଣ କରିବା ଇତ୍ୟାଦି ସଚେତନ ରୂପକ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଏ। ସ୍କାଉଟ୍ ଓ ଗାଇଡସ୍ ସେବା ଓ ବନ୍ଧୁତାର ପ୍ରତୀକ ବୋଲି ମତ ରଖିଥିଲେ ସମ୍ମାନୀତ ଅତିଥି ଅନନ୍ତରାମ ମେଣ୍ଡିଲୀ ଓ ଅନ୍ୟାନ୍ୟ ଅତିଥି ମାନେ। ବିଦ୍ୟାଳୟର ସଂପାଦକ ସଞ୍ଜୟ କୁମାର ସାହୁ ଶିଶୁମାନଙ୍କୁ ସେବା ସମର୍ପଣ ଓ ସ୍ୱଚ୍ଛତାର ବିଷଦ ବିବରଣୀ ପ୍ରଦାନ ପୂର୍ବକ ଧନ୍ୟବାଦ ପର୍ବଟିକୁ ଆଗେଇଥିଲେ। ଏହି ସଭାରେ ବିଦ୍ୟାଳୟର ସ୍କାଉଟ ଶିକ୍ଷକ ମଧୁସୂଦନ ପଧାନ, ଦୀପ୍ତିମୟୀ ପଲିଆ, କାମିନୀ ଜେନା, ରୂପା ପଧାନ, ପ୍ରତିଭା ନାଏକ, ଲୁସି ପ୍ରଭା ପରିଡ଼ା, ବୁଲି ବିଶ୍ୱାଳ, ଅନନ୍ୟା ପଧାନ, ପ୍ରମୋଦ କୁମାର ସାହୁ ଓ ଶୁକ୍ଲାମ୍ବର ବଞ୍ଚୋର୍ ଗୁରୁଜୀ ସମେତ ଅନ୍ୟାନ୍ୟ ଗୁରୁଜୀ ଗୁରୁମା ଓ ଛାତ୍ର ଛାତ୍ରୀ ସହଯୋଗ କରିଥିଲେ।

୪ ଦିନରେ ଗଲାଣି ୫ ଜଣଙ୍କ ଜୀବନ

ଭୁବନେଶ୍ୱର,(ଜା.ପ୍ର): ଅଶାନ୍ତ ହୋଇ ଉଠିଛି ସ୍ମାର୍ଟସିଟି ଭୁବନେଶ୍ୱର। କେଉଁଠି ଗୁଳିମାଡ଼ ହେଉଛି ତ' ଆଉ କେଉଁଠି ପଥରରେ ଛେଚି ହତ୍ୟା କରାଯାଉଛି। ଗତ ୪ ଦିନରେ ୫ଟି ହତ୍ୟା ଘଟିଛି, ଯାହାକୁ ନେଇ ସହରବାସୀ ଭୟଭୀତ ଅବସ୍ଥାରେ ଅଛନ୍ତି। କଥା କଥାରେ ବନ୍ଧୁକ ଫୁଟୁଥିବାବେଳେ ପୋଲିସ ଆଇନ ଶୃଙ୍ଖଳାକୁ ରକ୍ଷା କରିବାରେ ବିଫଳ ହୋଇଛି। ଶୁକ୍ରବାର ବିଳମ୍ବିତ ରାତିରେ ବମିଖାଲ ଝାରପଡ଼ା ବ୍ରିଜ୍ ନିକଟରେ ଗୁଳିମାଡ଼ରେ ସୋନୁ ନାୟକ ନାମକ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତ ସୋନୁ ନାୟକ ହଳଦୀପଡ଼ିଆ ବସ୍ତିରେ ଡ୍ରଗ୍ସ କାରବାର କରନ୍ତି। ପୂର୍ବରୁ ମଧ୍ୟ ସେ ଅଭିଯୁକ୍ତ ଗୋଷ୍ଠୀର ପିଲାଙ୍କୁ ମାରପିଟ କରନ୍ତି। ତେଣୁ ସୋନୁଙ୍କୁ ହତ୍ୟା କରିବା ପାଇଁ ସେମାନେ ଯୋଜନା କରିଥିଲେ। ପରେ ରାତିରେ ବମିଖାଲ ଗୋଶାଳା ନିକଟରେ ସମସ୍ତେ ମିଶି ଭୋଜି କରୁଥିଲେ। ସେଠାରେ ସୋନୁ ଏବଂ ଲିପୁନ ଜେନାଙ୍କ ସହ ଝଗଡ଼ା ହୋଇଥିଲା। ଏହାପରେ ସୋନୁ ୨ଟି ବୋମା ନେଇ ଲିପୁନଙ୍କ ଘର ଉପରେ ଫିଙ୍ଗିଥିଲେ। ରାତି ୩ଟାରେ ସୋନୁ ନିଜର ଚାରିଜଣ ସାଙ୍ଗଙ୍କ ସହ ଏକ ଗାଡ଼ିରେ ରସୁଲଗଡ଼ ପେଟ୍ରୋଲ ପମ୍ପ ଆଡ଼କୁ ଯାଉଥିଲେ। ବମିଖାଲସ୍ଥିତ ସରକାରୀ ବନ୍ଧୁକ ଦୋକାନ ସମ୍ମୁଖରେ ସେମାନଙ୍କୁ ପୂର୍ବରୁ ଛକି ବସିଥିଲେ କେତେ ଜଣ ଦୁର୍ବୃତ୍ତ। ସୋନୁଙ୍କ ଗାଡ଼ିକୁ ଅଟକାଇବା ପରେ କିଛି ବୁଝିବା ଆଗରୁ ତାଙ୍କ ମୁଣ୍ଡକୁ ଲକ୍ଷ୍ୟ କରି ଅତି ନିକଟରୁ ଗୁଳି ଚଳାଇଥିଲେ। ଗୁଳିମାଡ଼ରେ ଘଟଣାସ୍ଥଳରେ ହିଁ ସୋନୁ ଢଳିପଡ଼ିଥିଲେ। ଲକ୍ଷ୍ମୀସାଗର ପୋଲିସ ପହଞ୍ଚି ତାଙ୍କୁ କ୍ୟାପିଟାଲ୍ ହସ୍ପିଟାଲ ନେଇଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲା। ଅନ୍ୟ ଏକ ଘଟଣାରେ ଶୁକ୍ରବାର ମଞ୍ଚେଶ୍ୱର ଥାନା ଅଧୀନ ତାରିଣୀ ବସ୍ତିରେ ପରକୀୟା ସମ୍ପର୍କକୁ ସନ୍ଦେହ କରି ଗଞ୍ଜାମର ଜଣେ ଯୁବକଙ୍କୁ ପଥରରେ ଛେଚି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଲକ୍ଷ୍ମୀସାଗର ଥାନା ବୁଦ୍ଧନଗର ଅଞ୍ଚଳରେ ଜଣେ ବୃଦ୍ଧାଙ୍କୁ ଘରୋଇ ସହାୟକ ହତ୍ୟା କରିଥିବା କଥା ସାମ୍ନାକୁ ଆସିଥିଲା। ଲୁଟ ଉଦ୍ଦେଶ୍ୟରେ ବୃଦ୍ଧାଙ୍କ ହାତଗୋଡ଼ ବାନ୍ଧି କଇଁଚିରେ ମୁଣ୍ଡ ଏବଂ ବେକକୁ ଭୁସି କେୟାର ଟେକର ହତ୍ୟା କରି ଫେରାର ହୋଇଯାଇଥିଲେ। ଲଗାତର ହତ୍ୟାକାଣ୍ଡ ଓ ହିଂସାକାଣ୍ଡ ରାଜଧାନୀର ଆଇନଶୃଙ୍ଖଳା ସ୍ଥିତିକୁ ନେଇ ପ୍ରଶ୍ନ ଉଠାଇଛି। ଅନ୍ୟ ଏକ ଘଟଣାରେ ବୁଧବାର ମଞ୍ଚେଶ୍ୱର ଥାନା କେଳୁଚରଣ ପାର୍କ ନିକଟରେ ଜଣେ ଯୁବକଙ୍କୁ ହତ୍ୟା କରାଯାଇଥିଲା। ଗାଡ଼କଣର ଜଣେ ଯୁବକଙ୍କୁ ହତ୍ୟା କରିବା ପରେ ପାର୍କ ପଛରେ ଥିବା ବୁଦାରେ ପକାଇ ଦେଇଥିଲେ। ପ୍ରମାଣ ନଷ୍ଟ ପାଇଁ ମୃତଦେହକୁ ପୋଡ଼ି ଦେଇଥିଲେ। ମୃତ ଶରୀରର ୭୦ ପ୍ରତିଶତ ଅଙ୍ଗକୁ କୁକୁର ଏବଂ ବିଲୁଆ ଖାଇ ଦେଇଥିଲେ। ସେହିପରି ବୁଧବାର ରାତିରେ ଶିଶୁପାଳଗଡ଼ରେ ଗୁଳିକାଣ୍ଡ ଘଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିଲା। ବନ୍ଧୁକରେ ମଜା କରୁକରୁ ଯୁବକଙ୍କ ଜୀବନ ଯାଇଥିଲା। ପରେ ପ୍ରମାଣ ଲୁଚାଇବା ଉଦ୍ଦେଶ୍ୟରେ ଅଭିଯୁକ୍ତମାନେ ମିଛ ନାଟକ ରଚିବା ସହ ଗଙ୍ଗୁଆ ନାଳରେ ବନ୍ଧୁକକୁ ଫିଙ୍ଗି ଦେଇଥିଲେ। ଏହି ସବୁ ହତ୍ୟାକାଣ୍ଡ ଦେଖି ସହରବାସୀ ଭୟଭୀତରେ ଅଛନ୍ତି। ପୋଲିସ ସେମାନଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଥିବା ଅଭିଯୋଗ ହୋଇଛି। ଏନେଇ ଡିସିପିଙ୍କୁ ପଚାରିବାରେ ଆଇନ ଶୃଙ୍ଖା ସ୍ଥିତି ରକ୍ଷା କରିବାକୁ ଚେଷ୍ଟା କରାଯାଉଥିବା କହିଛନ୍ତି।

ଜାତୀୟ ଚେତନା
JATIYA CHETANA



ଭାବନାର ଇମୋଜୀ

ସବୁ ବୋଉମାନେ ବୋଧେ ଏମିତି ! ଯେତେଟା ସନ୍ତାନ ଥାଆନ୍ତୁ ନା କାହିଁକି, ସମସ୍ତଙ୍କୁ ସ୍ନେହଶ୍ରଦ୍ଧା ବାଣ୍ଟିଦେଇଥାନ୍ତି ସମାନ ଭାବେ। ନହେଲେ ପିଲାବେଳେ ଛଅ ଭାଇଭଉଣୀଙ୍କ ପସନ୍ଦ ଜାଣିଥିବା ବୋଉ ତାଙ୍କର କେମିତି ବାଢ଼ିଦିଏ—କାହାକୁ ଉଷୁମ ଉଷୁମ ଚାହିଁ ପଖାଳ ସାଙ୍ଗକୁ ପାଗ ପୁଗା, ତ କାହାକୁ ଚୁନାଚୁନା କଟା ଆଳୁ ଭଜା ସହ ଅଣ୍ଡା ଭୁଜିଆ, ପୁଣି କାହାକୁ ଗରମ ଭାତ ସାଙ୍ଗକୁ ଚୁଙ୍ଗୁଡ଼ି କାଳିଆ ! ଏବେ ସେହି ଛଅ ଭାଇଭଉଣୀଙ୍କ ଭିତରୁ ବଡ଼ ଝିଅ ସୁନିତାଙ୍କର ପୁଅଟିଏ ପରେ ଝିଅଟିଏ ଆସିଛି କୋଳକୁ, ତ ସବୁ ସ୍ନେହଶ୍ରଦ୍ଧା ସହିତ ତା' ସୁରକ୍ଷା ପାଇଁ ଖୁବ୍ ଚିନ୍ତିତ ମା' ସୁନିତା। ଜନ୍ମବେଳେ ଏକୋଇଶିଆରେ କୋଷ୍ଠୀ ଗଣନା କରି ଜଣେ ନାହାକ କାଳସର୍ପ ଦୋଷ ଅଛି କହିଥିବାରୁ, ସେକଥା ସୁନିତାଙ୍କ ମନରେ ଗଭୀର ଭୟ ସୃଷ୍ଟି କରିଥିଲା। ତେଣୁ କୋଷ୍ଠୀ ଗଣନା ଚାଲିଥିଲା ବିଭିନ୍ନ ନାହାକଙ୍କ ପାଖେ। ଜାତକ ଦେଖି କୋଉ ନାହାକ ପାଣିକୁ ଜଗିଥିବେ, ତ କିଏ ନିଆଁକୁ ଜଗିଥିବେ କହୁଥିଲାବେଳେ କିଏ କହେ ଜଗତଜିତା ହେବ। ସୁନିତା କିନ୍ତୁ ଡାକୁଥାଆନ୍ତି, 'ମା' ଲୋ ମା', କାକଟପୁର ମଙ୍ଗଳା ମା'ଆ, ମୋ' ଝିଅକୁ ରକ୍ଷା କର ମା'। ତତେ ଡାକି ଡାକି କେତେ କଷ୍ଟରେ ମୋର ଏ ଝିଅ। ତା' ଭାଇ ସହ ଝିଅକୁ ମୋର ବୁଦ୍ଧି, ବିଦ୍ୟା, ଧନ, ଜନ, ଗୋପ, ଲକ୍ଷ୍ମୀ ଦେବା ସହ ଆୟୁଷ, ଆଶିଷ ଓ ନିରୋଗୀ ରଖ ମା'। ପୁଣି ଡାକୁଥାଆନ୍ତି ବୀରହନୁମାନଙ୍କୁ, କାରଣ ତାଙ୍କ ଝିଅ ନିଜେ ପିଲାଦିନୁ ବୀରହନୁମାନଙ୍କୁ ଦେଖି ଖୁବ୍ ଖୁସି ହେବା ସଙ୍ଗେ ସଙ୍ଗେ ପଚାରି ବସେ, 'ସେ କେମିତି ଖାଇବେ ଓ କଥା କହିବେ ମା'ଆ ? ତାଙ୍କ ପାଟି କାହିଁକି ଏମିତି ହୋଇଛି ? ତୁ ଭୋଗ ବଦଳରେ ଔଷଧ ଆଣିଲୁନି ତା' ପାଇଁ !' ଝିଅର ପ୍ରଶ୍ନରେ ସୁନିତା କହନ୍ତି, 'ସେ ପରା ଠାକୁର ଝିଅ ! ସେ ନିଜେ ନିଜର ସବୁ ଅସୁବିଧା ଦୂରେଇ ନିଜ ସୁରକ୍ଷା ନିଜେ କରିପାରିବେ।'

ପିଲାଦିନେ କିଛି କିଛି ବୁଝୁଥିବା ଓ କିଛି କିଛି ନ ବୁଝୁଥିବା ଝିଅ ଏବେ ଗଭୀର ପାଣି ଭିତରେ ଯୋଗାଭ୍ୟାସ କରିବା ଦେଖି ସୁନିତା ଆଶଙ୍କିତ ହୋଇପଡୁଥିଲାବେଳେ, ଝିଅ କହେ, 'ତୁ ପରା କହୁ ମା'ଆ ଯେ ଡର କାହାକୁ, ଭୟ କାହାକୁ, ଈଶ୍ୱର ଅଛନ୍ତି ଚଉବାହାକୁ। ତୁ ପରା କହୁଥିଲୁ ମୋର ମା'ଆ କାକଟପୁର ମଙ୍ଗଳା ଓ ବୀରହନୁମାନ ସାହା ବୋଲି।' ଝିଅକୁ ହଁ ହଁ କହିଦେଇ ଭାବନାରେ ବୁଡ଼ିଯାଆନ୍ତି ସୁନିତା।

ଝିଅ ଜନ୍ମ ହେବା ଦିନର ଘଟଣା ମନେ ଅଛି ସୁନିତାଙ୍କର। ନର୍ସ ଦିଦି ତାଗିଦା କରି କହିଗଲେ, 'ପିଲାକୁ ଘୋଡ଼େଇ ରଖି ବସ, ଝିଅ।' ଏତିକି କହୁକହୁ କହିଲେ, 'ଏତେ ପିଲା ଆଜି ଏ ୱାର୍ଡରେ ଜନ୍ମ ହୋଇଛନ୍ତି, କୋଉ ବେଡ଼ରେ ଏମିତି ପିଲାଟିଏ ଅଛି କହ ତ !' ପ୍ରଥମ ସନ୍ତାନ ପୁଅ ହୋଇସାରିଛି ବୋଲି ଦ୍ୱିତୀୟ ସନ୍ତାନକୁ ଅଣଦେଖା କରିବା ଉଚିତ ନୁହଁ। ଝିଅ ଜନ୍ମ ହୋଇଛି ବୋଲି ମନ ଟିକେ ନା ଟିକେ କୋଉଠି ଊଣା ଥିଲେ ବି ବୁଝିଗଲା ସୁନିତାଙ୍କ ମନ। ଦିଦିଙ୍କ ସେହି କେଇପଦ ଶବ୍ଦସମାହାର ବାକ୍ୟଟିରେ ତ ସୁନିତା ଝିଅକୁ କୋଳକୁ ନେଇ କୋଳେଇ ଆଗ୍ରହରେ କ୍ଷୀର ଦେଉଦେଉ ଦେଖିଲେ, ପାଖ ବେଡ଼ରେ ବର୍ଷେ ପାଖାପାଖି ଝିଅଟିଏର ନାକରେ ଅକ୍ସିଜେନ୍ ନଳୀ ଲାଗି ହେଙ୍କା ଉଠୁଥାଏ ଛୁଆଟିର ଓ ପାଖରେ ମା'ଟି କାନ୍ଦୁଥାଏ।

ସୁନିତାଙ୍କ ଦେଖାଶୁଣା କରିବା ପାଇଁ ତାଙ୍କ ପାଖରେ ଥିବା ତାଙ୍କ ନିଜ ଆଈ ଓ ମାଉସୀ ଶାଶୁ ପରସ୍ପର ଭିତରେ କଥା ହେଉଥାଆନ୍ତି ଯେ, ବିବାହର ପନ୍ଦର ବର୍ଷ ପରେ ମା' ହୋଇଥିବା ସାନଯାଆ ଘର କାମ କରିବାକୁ ତା' ଛୋଟ ଝିଅ ଛାଡୁନଥିବାରୁ, ବଡ଼ଯାଆ ଅର୍ଥାତ୍ ଶିଶୁକନ୍ୟା ଝିଅର ବଡ଼ମାଆ ଛୁଆଟିକୁ ଅଫିମ ଦେଇ ଶୁଆଇବାର ନିର୍ଦ୍ଦେଶ ସେକଥାଟି ସବୁଦିନିଆ ରୁଟିନ ହୋଇଯାଇଥିଲା। ଆଉ ସେହି କାରଣରୁ ଏବେ ଛୋଟ ଝିଅର ବାନ୍ତି ଓ ଝାଡ଼ା ପୁଣି ନିଶ୍ୱାସପ୍ରଶ୍ୱାସ ନେବାରେ କଷ୍ଟ ହେବାରୁ ଡାକ୍ତର କହୁଛନ୍ତି, 'ଭଗବାନଙ୍କୁ ଡାକ, ନିଜେ ଯୋଉ ଭୁଲ୍ କରିଛ ତାକୁ ସୁଧାରିବାକୁ ଆମେ ଅସମର୍ଥ।' ତଥାପି ଝିଅଟିର ହେଙ୍କା ଉଠୁଥାଏ ରାତିସାରା ଓ ମା'ଟି କାନ୍ଦୁଥାଆନ୍ତି। ହଠାତ୍ ହେଙ୍କା ବନ୍ଦ ହୋଇଗଲା ଛୋଟ ଝିଅଟିର ତ କାନ୍ଦର ରୋଳରେ ହସ୍ପିଟାଲ ଫାଟିପଡୁଥିଲାବେଳେ, ଏପଟ ବେଡ଼ରେ ସୁନିତା ନିଜ ଝିଅ ବେବିନା ଦେହରୁ ମଶା ଉଡ଼ାଉଉଡ଼ାଉ କୋଳରେ ଚାପିଧରି କାହିଁକି କେଜାଣି କାନ୍ଦିଥିଲେ ଖୁବ୍। ଆଜି ଝିଅ ଗଭୀର ପାଣି ଭିତରେ ଯୋଗ କରିବା ସେ ସହନ୍ତେ କେମିତି !

ସେଦିନ ଯୋଗ କରୁକରୁ ଅନେକ ପିଲାଙ୍କ ଭିତରୁ ପୁଅଟିଏ ଗଭୀର ଜଳ ଭିତରେ ଶ୍ୱାସରୁଦ୍ଧ ହୋଇ ଚାଲିଗଲା ଆରପୁରକୁ। ଝିଅ ବେବିନା ଖୁବ୍ ଡେରିରେ ଘରକୁ ଫେରିଲା ସେଦିନ। ସେଦିନ ରାତିରେ ସୁନିତା ଶୋଇପାରିନଥିଲେ। ଝିଅ ରୁମକୁ ପଶିଆସିବାରୁ ଝିଅ କହୁଥିଲା, 'ତୁ ଏଯାଏଁ ଶୋଇନୁ ମା'ଆ ! ତୁ ମଧ୍ୟ ଶୋଇନୁ ତ !' 'ହଁ, ସେଇ ପୁଅର ମୃତ୍ୟୁ ଗଭୀର ଦୁଃଖ ଦେଉଛି ମା'ଆ।' ସୁନିତା କଇଁକଇଁ ହୋଇ କାନ୍ଦି ବଢ଼ିଲା ଝିଅ ବେବିନାକୁ କୋଳରେ ଧରି ଖୁବ୍ କାନ୍ଦିଥିଲେ ସେ ରାତିସାରା। କହୁଥିଲେ, 'ପୁଅ ହେଉ ଅବା ଝିଅ, ମା' ପାଇଁ ତା' ସନ୍ତାନ ସବୁକିଛି।' ମା' ସୁନିତାଙ୍କ କାନ୍ଦ ଓ କଥାରେ କେତେ ଗଭୀରତା ଥିଲା କେଜାଣି, ଝିଅ ବେବିନା କିନ୍ତୁ ଏବେ ଆଉ ଗଭୀର ଜଳ ଭିତରେ ଯୋଗାଭ୍ୟାସ ଅଭ୍ୟାସ ଛାଡ଼ିଦେଇଥିଲା। ଦିନେ କିନ୍ତୁ ଯୋଗରେ ବିଶ୍ୱରେକର୍ଡ ସୃଷ୍ଟି କରି ମା' ସହ ବାପାଙ୍କୁ ଚମକୁତ କରିଦେଇଥିଲା ବେବିନା। ଗଭୀର ଆବେଗରେ ବାପା କହୁଥିଲେ, 'ଝିଅ କାହାର !' ସୁନିତା ମଧ୍ୟ କହୁଥିଲେ, 'ନାତୁଣୀ କାହାର !' 'ଆଈଙ୍କ ଭଳି ହେଉଛୁ ତୁ ମା'ଆ,' ବୋଲି କହି ବେବିନା ପୁଣି କହୁଥିଲା କିଛି... 'ଆଈ ପରା କହନ୍ତି—ଡର କାହାକୁ, ଭୟ କାହାକୁ... ଈଶ୍ୱର ଅଛନ୍ତି ଚଉବାହାକୁ, ଯାହା ତୁ ମତେ ଓ ଭାଇକୁ କହୁ ସବୁବେଳେ।'

ବେବିନାର ଆଈ ଅର୍ଥାତ୍ ସୁନିତାଙ୍କ ସେଇ ବୋଉ ଆଜି ବଦଳିଯାଇଛନ୍ତି। ବାପାଙ୍କ ଆବର୍ତ୍ତମାନରେ ଏକୁଟିଆ ହୋଇଯାଇଛନ୍ତି। ବୋଉ ତାଙ୍କର ଆଇନା ଆଡ଼କୁ ଚାହିଁ ଡାକପକେଇଥିଲା, 'ଦୌଡ଼ି ଆସେ ଝିଅ—ଭୂତ !' (ଭୂତର ଇମୋଜି) ସତକୁ ସତ ଦୌଡ଼ିଆସି ସୁନିତା ଦେଖିଲା, ବୋଉ ନିଜ ଛବିର ପ୍ରତିବିମ୍ବକୁ ଦର୍ପଣରେ ଦେଖି କହୁଥିଲା, 'ଭୂତ, ଭୂତ, ଭୂତ !' (ଭୂତର ଇମୋଜି) ତା'ପରଠୁ ବୋଉ ଏମିତି ଅନେକ ଅପ୍ରସାଙ୍ଗିକ କଥା କହୁଥିଲା, ଯେମିତିକି ସକାଳୁ ଉଠି ପଚାରୁଥିଲା, 'ଆଜି ପରା ସାବିତ୍ରୀ, ମୁଗ ବତୁରେଇନୁ କି ଝିଅ ? କେତେ କାଳେ ଆସିଛୁ ମୋ' ପାଖକୁ ପୁରୀ ଘରକୁ, ଏତିକି ତ ଅନ୍ତତଃ କରିଦେ।' ସୁନିତା ଆଶ୍ଚର୍ଯ୍ୟରେ ବୋଉକୁ ଚାହିଁ କହୁଥିଲା, 'ସାବିତ୍ରୀ ଆଜି ! ଯଦି ଆଜି, ତେବେ ବଡ଼ମନ୍ଦିରର ଅବଡ଼ା ଖାଇ ସାତପୁରୁଷି ପରମ୍ପରା ଅନୁସାରେ ପୁରୀବାସୀଙ୍କ ଅଭ୍ୟାସ ଢଙ୍ଗରେ ଖାଇନେବା ଶାନ୍ତିରେ। ଆଉ ମୁଗ ବତୁରେଇବା ଚିନ୍ତା ବୋଉର ଆସିଲା କୁଆଡୁ ?' ବୋଉର ଏମିତି ଏମିତି ଅନେକ କଥାରେ ନଥା ଲାଗୁଥିଲା। ବୋଉ ଅନ୍ୟ ଦୁନିଆଁରେ ଅଛି, ଯୋଉଠି ଅନେକ ଢଙ୍ଗ ଓ ରଙ୍ଗର ଇମୋଜି ତାକୁ ଓ ତାର ଭାବନାକୁ କାୟାବିସ୍ତାର କରି ରଖିଛି।

ବ୍ୟସ୍ତ ହୋଇପଡ଼ିଲୁ ଆମେ ଭାଇଭଉଣୀମାନେ। ସ୍ଥିର କଲୁ ଛଅ ଜଣ ଯାକ ମିଶି ବୋଉକୁ ନେଇଯିବା ପାଖକୁ। କିଛି ନହେଲେ ଅନ୍ତତଃ ବାପାଙ୍କ ଆବର୍ତ୍ତମାନର ଦୁଃଖ ଭୁଲିଯିବ ତ ବୋଉ। ସେୟା ହେଲା ଓ ପ୍ରଥମ ପାଳି ବଡ଼ଝିଅ ସୁନିତାଙ୍କ ଉପରେ ହିଁ ନ୍ୟସ୍ତ ଥିଲା। ଯାହାହେଉ ବୋଉ ତା' ପ୍ରିୟ ନାତିନାତୁଣୀଙ୍କୁ ଦେଖି ଏମିତି ଭିନ୍ନଭିନ୍ନ ଚିନ୍ତାଧାରାର ଇମୋଜି ଅନ୍ତତଃ ପ୍ରକାଶ କରିବ ନାହିଁ ବା ଭାବୁଥିଲା ଝିଅ ସୁନିତା, କିନ୍ତୁ ଫଳ ଓଲଟା ହେଲା। ପ୍ରିୟ ନାତିନାତୁଣୀ ଏଇଥିପାଇଁ କି ଯେ, ବଡ଼ଝିଅର ପ୍ରଥମ ନାତି ଓ ନାତୁଣୀ ଦୁହେଁ ତାର ପ୍ରଥମ ଆଈ ହେବାର ଅନୁଭବ ହୋଇଥିବାରୁ ସେମାନଙ୍କୁ ଖୁବ୍ ଭଲପାଉପାଉ ଅନ୍ୟମାନେ ଯିଏ ଯେତେ ଆସିଥିଲେ ବି ପ୍ରଥମ ପ୍ରେମକୁ ନ ଭୁଲିପାରିଲା ପରି ପ୍ରଥମ ନାତିନାତୁଣୀ ନିଶ୍ଚୟ ନିଆରା ଭାବି ବୋଉ ଏଣିକି ଠିକ୍ ହୋଇଯିବ ଭାବୁଥିବା ଝିଅ ସୁନିତା କିନ୍ତୁ ଭୁଲ୍ ପ୍ରମାଣିତ ହୋଇସାରିଥିଲେ। କାରଣ ବଡ଼ନାତି ରୁବା ଭିତରେ ସେ ଭଣଜା ବୁବୁନାଙ୍କ ଇମୋଜି ଦେଖୁଥିଲା, ତ ବଡ଼ନାତୁଣୀ ବେବିନା ଭିତରେ ଆଉ କାହାର ଇମୋଜି ଦେଖି କେତେବେଳେ କ'ଣ ବୋଲି ଭାବୁଥିଲା ତାକୁ ଓ ଡାକୁଥିଲା ସେହି ନାମରେ।

ଯୋଗକୁ ସାବିତ୍ରୀ ଆସିଗଲା। ଏଇ ବୋଉ, ଯିଏ ସାବିତ୍ରୀ ଆସିବା ପୂର୍ବରୁ କେତେ ଚଳଚଞ୍ଚଳ ଥିଲା, ଆଜି ସେ ଇମୋଜିଟିଏ ମାତ୍ର। ବାପାଙ୍କ ହାତରେ ସାବିତ୍ରୀ ଉପକରଣ ସହ ଅଭଡ଼ା ପଠେଇଦେଉଥିଲା ଝିଅବୋହୂମାନଙ୍କ ପାଇଁ। ପୁଣି ଝିଅବୋହୂମାନେ ତା' ପାଇଁ ପଠେଇଥିବା ଶାଢ଼ୀଚୁଡ଼ି ଦେଖେଇହେଉଥିଲା ପଡ଼ୋଶୀ ସ୍ତ୍ରୀଲୋକମାନଙ୍କ ଆଗରେ, ଏମିତି କହିକି ଯେ, 'ମୋ ବୋଉ ସିନା ଚାଲିଗଲା, ହେଲେ ଝିଅବୋହୂ ମୋ' ପାଇଁ ପଠେଇଛନ୍ତି।' କେତେବେଳେ କେମିତି ବାପାଙ୍କୁ ଲୁଚିଲୁଚି ପାଦ ଛୁଇଁବା ବେଳର ଫଟୋ ମଧ୍ୟ ଉଠେଇ ତାକୁ ବନ୍ଧେଇ କରି ଦେଇଯାଇଥାନ୍ତି ଝିଅବୋହୂମାନେ, ଯେ ପଣତରେ ଝଡ଼ାପୋଛା କରୁଥାଏ ଧୂଳି ସେହି ଫଟୋସବୁରୁ। ସତରେ କେଡ଼େ ଚଞ୍ଚଳ ଖୁସିର ଦିନ ତାର ସରିଗଲା ! ତା' ସହିତ ଆମଠୁ ଭାଗ୍ୟ ଛଡ଼େଇ ନେଲା ବାପା ଡାକ।

ଏଇ ସମୟରେ ବୋଉର ବଡ଼ ପାଟି ଶୁଣି ଭାବନା ରାଜ୍ୟରୁ ଫେରି ଧାଇଁଯାଇଥିଲେ ତା' ରୁମକୁ ସୁନିତା। ତ ଡ୍ରେସିଂ ଟେବୁଲ ପାଖେ ଠିଆ ହୋଇ ଆଇନା ଦେଖି ବୋଉ ସେହିଭଳି କହୁଥାଏ, 'ଦେଖ, ଦେଖ ଝିଅ, ସେ କିଏ ? ଭୂତ ! ନିଶ୍ଚୟ ଭୂତ !' (ଭୂତ ଇମୋଜି) ତା' ମୁଣ୍ଡରୁ ବାହାର କରିବାକୁ ଯାଇ ସୁନିତା କହିଲେ, 'ଏ ପରା ତୁ ! ତୋରି ଛବି। ଭୂତ କାହିଁ ?' ବୋଉ କହୁଥିଲା, 'ନା' ନା', ଏ ମୋ' ଛବି ନୁହେଁ। ହାତରେ ଚୁଡ଼ି ନାହିଁ, ମୁଣ୍ଡରେ କି ସିନ୍ଥିରେ ସିନ୍ଦୂର ନାହିଁ, ପୁଣି ଗୋଡ଼ରେ ଝୁଣ୍ଟିଆ ନାହିଁ। ଇଏ କାହିଁକି ମୁଁ ହେବି ମ !' ଏହାପରେ ବୋଉକୁ ଡାକ୍ତର ପାଖକୁ ନେବାକୁ ଆମେ ବାଧ ହୋଇଥିଲୁ।

'ନିଜେ ନିଜର ପୂର୍ବ ଇମୋଜୀ ବଦଳରେ ନୂତନ ସଂସ୍କରଣର ଇମୋଜୀକୁ ତାକୁ ମାନିନେବାକୁ ହେବ, ଏହି ତ ଏ ସଂସାରର ନିୟମ,'- କହି ସେଦିନ କଇଁକଇଁ କାନ୍ଦିଲାବେଳେ ଅନ୍ୟମାନେ ପ୍ରବୋଧନା ଦେଉଥିଲେ ବଡ଼ଭଉଣୀ ସୁନିତାଙ୍କୁ। ବଡ଼ନାତୁଣୀ ବେବିନା କିନ୍ତୁ ଆଈ ଗୋଡ଼ରେ ଓ ହାତରେ ନେଲ୍‌ପଲିସ୍ ଲଗେଇ ଚାଲିଥିଲାବେଳେ, ଝିଅ ସୁନିତା ତାଙ୍କ ବୋଉ ମୁହଁର ଖୁସି ଓ ଆନନ୍ଦର ଇମୋଜୀକୁ ପଢ଼ିବାକୁ ଚେଷ୍ଟା କରୁଥିଲେ।

ସେଇ ନାତୁଣୀ ବେବିନା ଆଜି ଶିକ୍ଷୟିତ୍ରୀ। ସେଦିନ କ୍ଲାସରେ ପଶୁପଶୁ କ୍ଲାସର ବ୍ଲାକ୍‌ବୋର୍ଡରେ ଥିବା ନିଜ ଇମୋଜୀ ଦେଖି ରାଗିବା ପରିବର୍ତ୍ତେ ଖୁବ୍ ଖୁସି ହୋଇ ତା' ତଳେ ଧନ୍ୟବାଦ ଲେଖିଦେବା ଦେଖି ଆଗଚଳା ପିଲାସବୁ ମୁଣ୍ଡ ତଳକୁ ପୋତି ବସିଥିଲେ। ଶିକ୍ଷୟିତ୍ରୀ ବେବିନା କିଛି ପଢ଼େଇସାରି କ'ଣ ପଢ଼େଇଲେ ପିଲାମାନେ ଠିକ୍ ?ଠାକ୍ ବୁଝିଛନ୍ତି କି ନାହିଁ ପଚାରିବାକୁ ଯାଇ ମୁଣ୍ଡ ତଳକୁ କରି ବସିଥିବା ପିଲାଙ୍କୁ ପଚାରିବାରୁ କେହି ଉପରକୁ ଚାହୁଁନଥିଲେ। ଏମିତିକି ନାମ ଧରି ପଚାରିଲେ ବି ନୁହେଁ। ତ ଶିକ୍ଷୟିତ୍ରୀ ବେବିନା ଏଥର ପିଲାଙ୍କ ଇମୋଜୀ ଆଙ୍କିବାକୁ ଲାଗିଲେ ଓ ପିଲାଙ୍କୁ କହିଲେ, 'ଯାହା ଇମୋଜୀ ବ୍ଲାକ୍‌ବୋର୍ଡରେ ଅଛି, ସେହି ଛାତ୍ର ଉତ୍ତର ଦିଅ ମୋ' ପ୍ରଶ୍ନର।'

ଏଥର ଶିକ୍ଷକ ଦେଖିଲେ, ଯାହାର ଇମୋଜୀ ସେ ଆଙ୍କିଥିଲେ ସେଇ ପିଲାଟି ଆସି ତାଙ୍କ ଗୋଡ଼ ଧରି କ୍ଷମା ମାଗୁଥିଲା ଓ କହୁଥିଲା, 'ମୋ' ଭୁଲ୍ ହୋଇଯାଇଛି ଗୁରୁମା ! ମୋ' କଥାରେ ପଡ଼ି ବିଜୁ, ଅଶୋକ, ବିପିନ ଓ ମୁଁ ଆପଣଙ୍କ ଇମୋଜୀ ଆଙ୍କିଥିଲୁ।'

ଶିକ୍ଷୟିତ୍ରୀ ବେବିନା ଗୁରୁମା କହିଲେ, 'ହଁ, ମୁଁ ଜାଣେ। ଏଥିରେ କିନ୍ତୁ ଭୁଲ୍ ରହିଲା କେଉଁଠି ମୁଁ ବୁଝିପାରୁନି ! ପାଠ ମନେରଖିପାରୁନଥିବା ବହୁତ ଛାତ୍ରଛାତ୍ରୀ ଥାଆନ୍ତି, ଯେଉଁମାନେ କି ଅନେକ ପ୍ରତିଭାର ଅଧିକାରୀ ଅଟନ୍ତି। ଚିତ୍ର ଆଙ୍କିବା ନିଶ୍ଚୟ ଏକ ବିଶିଷ୍ଟ କଳା, କିନ୍ତୁ ଜଣଙ୍କର ଇମୋଜୀ କରିବା ତା'ଠୁ ବଳି ଐଶ୍ୱର୍ଗୀକ କଳା ଅଟେ।'

ସେତେବେଳକୁ ବିଜୁ, ଅଶୋକ, ବିପିନ ଇତ୍ୟାଦି ପିଲାମାନେ ପ୍ରଥମ ପିଲା ରାକେଶ ସାଙ୍ଗରେ ମିଶି ଗୁରୁମାଙ୍କ ଗୋଡ଼ତଳେ ପଡ଼ି କ୍ଷମା ମାଗିବା ସହ 'ଆମର ଭୁଲ୍ ହୋଇଯାଇଛି' କହି ସାରଙ୍କୁ ବେଢ଼ି ରହିଥିଲେ ଓ ଗୁରୁମାଙ୍କର ଏବେ ଇମୋଜୀ କରିବା ଏକ ଐଶ୍ୱର୍ଗୀକ କଳା କହିବାରେ କେମିତି ଆଜ୍ଞା ବୋଲି ପଚାରିଥିଲେ। ତ ଗୁରୁମା ନିଜ ପାଠ୍ୟପୁସ୍ତକରେ ଥିବା ଆଜିର ପାଠ ଛାଡ଼ି ବୁଝାଇବାକୁ ଲାଗିଲେ-'ପିଲାଏ, ତୁମେ ଜାଣ, ଆମ ସମସ୍ତଙ୍କ ଭିତରେ ଈଶ୍ୱର ଅଛନ୍ତି।' ପିଲାଏ କହିଲେ, 'ଆଜ୍ଞା, ସେଇଥିପାଇଁ ତ ଆମେ କାହା ଦେହରେ ଗୋଡ଼ ବାଜିଲେ ବିଷ୍ଣୁ ବୋଲି କହି ପ୍ରଣାମ କରିଥାଉ।'

ଗୁରୁମା କୃତ୍ୟକୃତ୍ୟ ହୋଇ ହସିଲେ ଓ କହିଲେ, 'ସେହି ଈଶ୍ୱର ପିଲାଦିନେ ପିଲାମାନଙ୍କୁ ଚପଳମତି କରି ଅନେକ କିଛି ଶିଖାଇଥାଆନ୍ତି। ଜଣଙ୍କର ଚିତ୍ର ଆଙ୍କିବା ସହଜ, କିନ୍ତୁ ଇମୋଜୀ କରିବା ପାଇଁ ଅନ୍ତଃଦୃଷ୍ଟି ରହିବା ଆବଶ୍ୟକ। ଏଥିରୁ ଉଭୟଙ୍କର ଉପକାର ହୁଏ—ଯିଏ ଆଙ୍କେ ତାର ତୀକ୍ଷ୍ଣ ବୁଦ୍ଧି ଅନ୍ୟର ବିଶିଷ୍ଟ ଗୁଣ ଚିହ୍ନିବାରେ ସାହାଯ୍ୟ କରି ଇମୋଜୀ ଆଙ୍କିପାରିଥାଏ। ଠିକ୍ ସେମିତି, ଯାହାର ଇମୋଜୀ ଆଙ୍କିଥାଅ ସେ ନିଜ ଇମୋଜୀ ଦେଖି ନିଜ ଭିତରେ ଥିବା ଭଲ ବା ମନ୍ଦ ଗୁଣ ମଧ୍ୟ ଚିହ୍ନିପାରି ଭଲ ଗୁଣଗୁଡ଼ିକ ବଢ଼େଇ ମନ୍ଦ ବା ଖରାପ ଗୁଣଗୁଡ଼ିକୁ ଛାଡ଼ିଦେଇଥାଏ। ଆଜିକାଲି ପିଲାଙ୍କ ଭିତରେ ବୁଦ୍ଧିମତ୍ତା ବଢ଼ାଇବାରେ ଅନ୍ୟର ଇମୋଜୀ କରିବା ଏକ ଉନ୍ନତମୂଳକ ଚିତ୍ରଶୈଳୀ।'

ଗୁରୁମାଙ୍କ କଥା ସରିଛି କି ନାହିଁ, ପିଲାମାନଙ୍କ ଆଚରଣ ଓ ଉଚ୍ଚାରଣ ଦେଖିବାର ଥିଲା। ସେଦିନ ପିରିୟଡ଼ ସାରି ବେବିନା ଗୁରୁମା ବାହାରକୁ ଆସିଲେ ତ ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ତାଙ୍କୁ କୁଣ୍ଢେଇପକେଇ କହୁଥିଲେ, 'ଜେନ୍-ଜେମାନଙ୍କୁ ଏ.ଆଇ.ରୁ ମୁକ୍ତ କରି ତାଙ୍କ ଭିତରେ ବୁଦ୍ଧିମତ୍ତା ଭରିଦେବା ଭଳି ଉପଯୁକ୍ତ ଶିକ୍ଷୟିତ୍ରୀ ଆପଣ।' ବେବିନା ଭାବନାରେ ପ୍ରଧାନଶିକ୍ଷୟିତ୍ରୀଙ୍କ ଇମୋଜୀ ପ୍ରସ୍ତୁତ କରିସାରିଥିଲେ, ଯେଉଁଟାକି ତାଙ୍କ ଆଈ ଭଳି ଲାଗୁଥିଲା। ତ ସେ ଏଥର କାନ୍ଦିପକେଇଲାବେଳେ ପ୍ରଧାନଶିକ୍ଷୟିତ୍ରୀ ବେବିନା ଗୁରୁମାଙ୍କ ପିଠି ଆଉଁସି ଆଗକୁ ବଢୁଥିଲେ। ମା' ସୁନିତା ଝିଅ ବେବିନାଠାରୁ ଇମୋଜୀ ବିଷୟରେ ସବୁ ଶୁଣି ନିଜ ବୋଉ କଥା ହିଁ ଭାବୁଥିଲେ।

ସୁନନ୍ଦା ମହାନ୍ତି
ସାକ୍ଷୀଗୋପାଳ, ପୁରୀ
ମୋ: ୯୦୪୦୯୭୭୩୨୭

ଜାତୀୟ ଚେତନା
JATIYA CHETANA

ରାଇଜିଂ ଷ୍ଟାର୍ସ ଏସିଆ କପ୍ ପୂର୍ବରୁ ଭାରତୀୟ ଦଳରେ ବଡ଼ ପରିବର୍ତ୍ତନ



ନୂଆଦିଲ୍ଲୀ,(ଏଜେନ୍ସି): ଆଗାମୀ ରାଇଜିଂ ଷ୍ଟାର୍ସ ଏସିଆ କପ୍ ପୂର୍ବରୁ ଭାରତୀୟ ଏ-ଦଳରେ ବଡ଼ ଧରଣର ପରିବର୍ତ୍ତନ ଘୋଷଣା କରି ସାରା କ୍ରିକେଟ୍ ଜଗତକୁ ଚମକାଇ ଦେଇଛି ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ। ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବାକୁ ଅଳ୍ପ ଦିନ ବାକି ଥିବାବେଳେ ଦଳର ପ୍ରମୁଖ ଖେଳାଳି ତଥା ମନୋନୀତ ଉପଅଧିନାୟକ ରଜତ ପାଟିଦାର ଆହତ ସମସ୍ୟା ଯୋଗୁଁ ସମ୍ପୂର୍ଣ୍ଣ ପ୍ରତିଯୋଗିତାରୁ ଓହରିଯାଇଛନ୍ତି। ତାଙ୍କ ସ୍ଥାନରେ ଜବରଦସ୍ତ ଫର୍ମରେ ଥିବା ବାମହାତୀ ଏବଂ ଡାହାଣହାତୀ ଖେଳାଳି ଆୟୁଷ ବଦୋନିଙ୍କୁ ଭାରତୀୟ ଏ-ଦଳରେ ସାମିଲ କରାଯାଇଛି। ଏହାସହିତ ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ବିଚକ୍ଷଣ ଖେଳାଳି ରିଙ୍କୁ ସିଂଙ୍କୁ ଦଳର ନୂଆ ଉପଅଧିନାୟକ ଭାବେ ନିଯୁକ୍ତି ଦିଆଯାଇ ବଡ଼ ଦାୟିତ୍ୱ ନ୍ୟସ୍ତ କରାଯାଇଛି, ଯାହା ସମସ୍ତ କ୍ରିକେଟ୍ ପ୍ରେମୀଙ୍କ ଦୃଷ୍ଟି ଆକର୍ଷଣ କରିଛି। ଉଲ୍ଲେଖଯୋଗ୍ୟ ଯେ ଏହି ମହତ୍ତ୍ୱପୂର୍ଣ୍ଣ ପ୍ରତିଯୋଗିତାରେ ତିଳକ ବର୍ମା ଭାରତୀୟ ଦଳର ନେତୃତ୍ୱ ନେଉଛନ୍ତି।

କତାରରେ ଆୟୋଜିତ ହେବାକୁ ଥିବା ଏହି ବହୁଚର୍ଚ୍ଚିତ ଟୁର୍ଣ୍ଣାମେଣ୍ଟ ଆସନ୍ତା ନଭେମ୍ବର ଉନବିଂଶରୁ ଆରମ୍ଭ ହେବାକୁ ଯାଉଛି। ଏହି ପ୍ରତିଯୋଗିତା ପାଇଁ ଭାରତୀୟ ଏ-ଦଳକୁ ଦ୍ୱିତୀୟ ସମୂହରେ ସ୍ଥାନ ଦିଆଯାଇଥିବାବେଳେ ସେମାନଙ୍କ ସହିତ ପାକିସ୍ତାନ ଏ-ଦଳ, ନେପାଳ ଏବଂ ସଂଯୁକ୍ତ ଅରବ ଏମିରେଟ୍ସ ଭଳି ଦଳଗୁଡ଼ିକ ରହିଛନ୍ତି। ଭାରତୀୟ ଦଳ ନଭେମ୍ବର କୋଡ଼ିଏ ତାରିଖରେ ନେପାଳ ବିପକ୍ଷରେ ନିଜର ପ୍ରଥମ ପ୍ରତିଯୋଗିତାମୂଳକ ମ୍ୟାଚ୍ ଖେଳି ନିଜର ଅଭିଯାନ ଆରମ୍ଭ କରିବ। ଦଳରୁ ବାଦ୍ ପଡ଼ିଥିବା ରଜତ ପାଟିଦାର ନିଜର ଶାରୀରିକ ଅସୁସ୍ଥତା ଓ ଆହତ ସମସ୍ୟା ବାବଦରେ ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡକୁ ଜଣାଇବା ପରେ ଚୟନକର୍ତ୍ତାମାନେ ଏହି ନୂତନ ଏବଂ କଠୋର ନିଷ୍ପତ୍ତି ଗ୍ରହଣ କରିଛନ୍ତି।

ଦଳରେ ନୂତନ ଭାବେ ସ୍ଥାନ ପାଇଥିବା ଆୟୁଷ ବଦୋନି ବର୍ତ୍ତମାନ ଘରୋଇ କ୍ରିକେଟ୍ ଫର୍ମାଟ୍‌ରେ ଚମତ୍କାର ପ୍ରଦର୍ଶନ ଜାରି ରଖିଛନ୍ତି। ନିକଟରେ ଚାଲିଥିବା ରଣଜୀ ଟ୍ରଫିର ମାତ୍ର ଚାରୋଟି ମ୍ୟାଚ୍‌ରୁ ସେ ପାଞ୍ଚ ଶହ ପଞ୍ଚାବନ ରନ୍ ସଂଗ୍ରହ କରିସାରିଛନ୍ତି, ଯେଉଁଥିରେ ଦୁଇଟି ଚିତ୍ତାକର୍ଷକ ଦ୍ୱିଶତକ ମଧ୍ୟ ସାମିଲ ରହିଛି। ତାଙ୍କର ଏହି ନିରବଚ୍ଛିନ୍ନ ଏବଂ ସଫଳ ପ୍ରଦର୍ଶନ ଭାରତୀୟ ଦଳର ବ୍ୟାଟିଂ ଭାଗକୁ ଆହୁରି ମଜବୁତ୍ କରିବ। ଏହା ସହିତ ଦୀର୍ଘଦିନ ଧରି ଆହତ ସମସ୍ୟା ଯୋଗୁଁ ଦଳରୁ ବାହାରେ ଥିବା ପ୍ରମୁଖ ବୋଲର ହର୍ଷିତ ରାଣାଙ୍କ ପାଇଁ ଏହି ଟୁର୍ଣ୍ଣାମେଣ୍ଟ ନିଜର ଶାରୀରିକ ଦକ୍ଷତା ଏବଂ ପ୍ରଦର୍ଶନ ପ୍ରମାଣିତ କରି ଜାତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିବାର ଏକ ବଡ଼ ସୁଯୋଗ ଆଣିଦେଇଛି।

ଏହି ଆନ୍ତର୍ଜାତୀୟ ପ୍ରତିଯୋଗିତା ପାଇଁ ଚୟନ କରାଯାଇଥିବା ଭାରତୀୟ ଏ-ଦଳରେ ଅଭିଷେକ ଶର୍ମା ଏବଂ ଯୁବ ଖେଳାଳି ବୈଭବ ସୂର୍ଯ୍ୟବଂଶୀଙ୍କ ଭଳି ପ୍ରତିଭାବାନ୍ କ୍ରିକେଟରମାନେ ମଧ୍ୟ ସ୍ଥାନ ପାଇଛନ୍ତି। ଅଧିନାୟକ ତିଳକ ବର୍ମା ଏବଂ ଉପଅଧିନାୟକ ରିଙ୍କୁ ସିଂଙ୍କ ନେତୃତ୍ୱରେ ଗଠିତ ଏହି ଚଉଦ ଜଣିଆ ଦଳରେ ପ୍ରଭସିମରନ୍ ସିଂ, କୁମାର କୁଶାଗ୍ର, ସୂର୍ଯ୍ୟାଂଶ ସେଡ୍‌ଗେ, ଶାହବାଜ ଅହମ୍ମଦ, ବିପ୍ରଜ ନିଗମ, ହର୍ଷ ଦୁବେ, ତନୁଷ କୋଟିଆନ୍, ହର୍ଷିତ ରାଣା, ପ୍ରିନ୍ସ ଯାଦବ, ଅର୍ଶଦ ଖାନ୍ ଏବଂ ଆୟୁଷ ବଦୋନି ପ୍ରମୁଖ ଖେଳାଳିମାନେ ସାମିଲ ହୋଇ ପ୍ରତିଯୋଗିତାରେ ଭାରତ ପାଇଁ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ପ୍ରସ୍ତୁତ ହୋଇଛନ୍ତି।

ପ୍ଲାଷ୍ଟିକ ବ୍ୟାଟ୍ ଫିଙ୍ଗିବାରୁ ବିରାଟ କୋହଲିଙ୍କ କଠୋର ପ୍ରତିକ୍ରିୟା

ନୂଆଦିଲ୍ଲୀ,(ଏଜେନ୍ସି): ଭାରତ ଓ ନ୍ୟୁଜିଲ୍ୟାଣ୍ଡ ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ ଦିନିକିଆ ମ୍ୟାଚ୍ ସମୟରେ ତାରକା ବ୍ୟାଟର ବିରାଟ କୋହଲିଙ୍କ ଏକ କ୍ରୋଧାନ୍ୱିତ ଓ କଠୋର ରୂପ ଦେଖିବାକୁ ମିଳିଛି। ମ୍ୟାଚ୍ ଚାଲିଥିବା ବେଳେ ବାଉଣ୍ଡରୀ ନିକଟରେ ଫିଲ୍ଡିଂ କରୁଥିବା ସମୟରେ କିଛି ଦର୍ଶକ ତାଙ୍କଠାରୁ ଅଟୋଗ୍ରାଫ୍ ନେବା ଆଶାରେ ପଡ଼ିଆ ଭିତରକୁ ଏକ ଛୋଟ ପ୍ଲାଷ୍ଟିକ ବ୍ୟାଟ ଫିଙ୍ଗି ଦେଇଥିଲେ। ଏଭଳି ଅଶାଳୀନ ଆଚରଣ ଦେଖି ବିରାଟ ନିଜ ଆଙ୍ଗୁଠି ଦେଖାଇ ଏହା ଅନୁଚିତ ବୋଲି ସଙ୍କେତ ଦେଇଥିଲେ ଏବଂ ସେହି ବ୍ୟାଟଟିକୁ ଉଠାଇ ପୁଣିଥରେ ପଡ଼ିଆ ଭିତରେ ରଖିଦେଇଥିଲେ। ଓ୍ୱେଲିଂଟନରେ ଖେଳାଯାଇଥିବା ଏହି ବର୍ଷାବିଘ୍ନିତ ରୋମାଞ୍ଚକର ମ୍ୟାଚ୍‌ରେ ନ୍ୟୁଜିଲ୍ୟାଣ୍ଡ ପ୍ରଥମେ ବ୍ୟାଟିଂ କରି ଏକ ଶହ ଚଉତିରିଶ ରନ୍ କରିଥିବାବେଳେ ଭାରତୀୟ ଦଳ ଏକ ଶହ ତେର ରନ୍ କରିଥିବା ବେଳେ ପ୍ରବଳ ବର୍ଷା କାରଣରୁ ମ୍ୟାଚ୍ ବନ୍ଦ ହୋଇଥିଲା। ପରିସ୍ଥିତିକୁ ବିଚାର କରି ମ୍ୟାଚ୍ ଅଧିକାରୀମାନେ ଡିଏଲଏସ ପଦ୍ଧତି ଆଧାରରେ ଭାରତକୁ ଚାରି ରନ୍‌ରେ ବିଜୟୀ ଘୋଷଣା କରିଥିଲେ।

କ୍ରୀଡ଼ାଙ୍ଗନରେ ଦମଦାର ପ୍ରଦର୍ଶନ ସହ ମହାନତା ଦେଖାଇଲେ କେ.ଏଲ୍. ରାହୁଲ

ନୂଆଦିଲ୍ଲୀ,(ଏଜେନ୍ସି): ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ଦିନିକିଆ କ୍ରିକେଟ୍ ମ୍ୟାଚ୍‌ରେ ଭାରତୀୟ ଦଳର ପ୍ରମୁଖ ୱିକେଟରକ୍ଷକ ତଥା ବ୍ୟାଟର କେ.ଏଲ୍. ରାହୁଲ ନିଜର ଚମତ୍କାର ବ୍ୟାଟିଂ ପ୍ରଦର୍ଶନ କରିବା ସହିତ କ୍ରୀଡ଼ାଙ୍ଗନ ବାହାରେ ଆପଣା ଅସାଧାରଣ ଉଦାରତା ଓ ମହାନତାର ପରିଚୟ ଦେଇ ସାରା ଦେଶର କ୍ରିକେଟ୍ ପ୍ରେମୀଙ୍କ ମନ ଜିଣିନେଇଛନ୍ତି। ଏହି ମହତ୍ତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇ ମ୍ୟାଚର ମୋଡ଼ ବଦଳାଇଥିବା ଶ୍ରେଷ୍ଠ ଖେଳାଳି ଭାବେ ତାଙ୍କୁ ବିଶେଷ ସମ୍ମାନ ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ତେବେ ପୁରସ୍କାର ସ୍ୱରୂପ ମିଳିଥିବା ମୂଲ୍ୟବାନ୍ ଆଧୁନିକ ମୋବାଇଲ୍ ଫୋନ୍‌ଟିକୁ ନିଜ ପାଖରେ ନରଖି ସେ ସମ୍ପୂର୍ଣ୍ଣ ନିରାଡ଼ମ୍ବର ଭାବେ କ୍ରୀଡ଼ାଙ୍ଗନରେ କାର୍ଯ୍ୟରତ ଜଣେ ମହିଳା କର୍ମଚାରୀଙ୍କୁ ଉପହାର ସ୍ୱରୂପ ବଢ଼ାଇ ଦେଇଥିଲେ। ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଏହି ପ୍ରେରଣାଦାୟୀ ଦୃଶ୍ୟକୁ ସାମାଜିକ ଗଣମାଧ୍ୟମରେ ପ୍ରସାରିତ କରାଯିବା ପରେ ଚାରିଆଡୁ ତାଙ୍କ ପ୍ରତି ପ୍ରଶଂସାର ସ୍ରୋତ ଛୁଟିବାରେ ଲାଗିଛି।

ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ଜାରି କରାଯାଇଥିବା ଦୃଶ୍ୟଶ୍ରାବ୍ୟ ଫିତାରେ ଦେଖିବାକୁ ମିଳିଛି ଯେ, କେ.ଏଲ୍. ରାହୁଲ ଅତ୍ୟନ୍ତ ସରଳ ଭାବେ ହସି ହସି ସେହି ମହିଳା କର୍ମଚାରୀଙ୍କ ନିକଟକୁ ଯାଇ ନିଜ ଜିତିଥିବା ପୁରସ୍କାରଟିକୁ ହସ୍ତାନ୍ତର କରୁଛନ୍ତି। ଜଣେ ଜାତୀୟ ସ୍ତରର ପ୍ରସିଦ୍ଧ ଖେଳାଳିଙ୍କଠାରୁ ହଠାତ୍ ଏପରି ଅପ୍ରତ୍ୟାଶିତ ଓ ସୁନ୍ଦର ଉପହାର ପାଇ ମହିଳା ଜଣକ ଅତ୍ୟନ୍ତ ଆଶ୍ଚର୍ଯ୍ୟଚକିତ ହୋଇପଡ଼ିବା ସହ ଆନନ୍ଦିତ ହୋଇଥିଲେ। ରାହୁଲଙ୍କର ଏହି ନିରାଡ଼ମ୍ବର ଏବଂ ଦୟାଳୁ ମନୋଭାବକୁ ବୋର୍ଡ ପକ୍ଷରୁ ଉଚ୍ଚ ପ୍ରଶଂସା କରାଯାଇ 'ବଡ଼ ଖେଳାଳି, ତାଠାରୁ ବି ବଡ଼ ହୃଦୟ' ବୋଲି ବର୍ଣ୍ଣନା କରାଯାଇଛି। କୌଣସି ଅହଂକାର ନରଖି କ୍ରୀଡ଼ାଙ୍ଗନର ସାଧାରଣ କର୍ମଚାରୀଙ୍କୁ ସମ୍ମାନିତ କରିବାର ଏହି ପ୍ରଶଂସନୀୟ ଶୈଳୀ ସାମାଜିକ ଗଣମାଧ୍ୟମରେ ବେଶ୍ ଆଦୃତ ହୋଇଛି।

ଏହି ମ୍ୟାଚ୍‌ର ସ୍ଥିତିକୁ ଦେଖିଲେ, ନ୍ୟୁଜିଲାଣ୍ଡ ପକ୍ଷରୁ ରଖାଯାଇଥିବା ବିଜୟ ଲକ୍ଷ୍ୟର ପିଛା କରୁଥିବା ଭାରତୀୟ ଦଳର ପ୍ରାରମ୍ଭିକ ବ୍ୟାଟିଂ ସ୍ଥିତି ଆଦୌ ଭଲ ନଥିଲା। ଦଳର ପ୍ରାରମ୍ଭିକ ବ୍ୟାଟର ଶୁଭମନ ଗିଲ୍ ନିଜର ଖାତା ଖୋଲିବା ପୂର୍ବରୁ ହିଁ କ୍ରୀଡ଼ାଙ୍ଗନରୁ ବିଦାୟ ନେଇଥିବାବେଳେ ଦଳର ଅନ୍ୟତମ ବିଶିଷ୍ଟ ଖେଳାଳି ବିରାଟ କୋହଲି ମାତ୍ର ସାତ ରନ୍ କରି ଅସଫଳ ହୋଇଥିଲେ। ସେହିପରି ଅଧିନାୟକ ରୋହିତ ଶର୍ମା ମଧ୍ୟ ମାତ୍ର ତେଇଶି ରନ୍ କରି ପାଭିଲିୟନ୍ ଫେରିଯିବା ଫଳରେ ଦଳ ଗଭୀର ଚାପ ମଧ୍ୟରେ ଗତି କରୁଥିଲା। ଏହିପରି ଏକ ସଙ୍କଟଜନକ ପରିସ୍ଥିତିରେ କେ.ଏଲ୍. ରାହୁଲ ମଇଦାନକୁ ଓହ୍ଲାଇ ଅନ୍ୟତମ ବ୍ୟାଟର ଶ୍ରେୟସ ଆୟରଙ୍କ ସହିତ ମିଶି ଦଳୀୟ ପାଳିକୁ ସମ୍ଭାଳିବା ପାଇଁ ଧୈର୍ଯ୍ୟପୂର୍ଣ୍ଣ ଉଦ୍ୟମ କରିଥିଲେ। ଶ୍ରେୟସ ଆୟର ତିରିଶି ରନ୍‌ର ଏକ ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ଦେଇଥିବାବେଳେ ରାହୁଲ ଚୌତିରିଶିଟି ବଲ୍‌ର ସମ୍ମୁଖୀନ ହୋଇ ଦୁଇଟି ଚୌକା ଓ ଗୋଟିଏ ଛକା ସହାୟତାରେ ଅପରାଜିତ ଛବିଶି ରନ୍‌ର ଗୁରୁତ୍ୱପୂର୍ଣ୍ଣ ପାଳି ଖେଳି ଦଳକୁ ସଫଳତା ଆଡ଼କୁ ନେଇଯାଇଥିଲେ। ଏହି ପ୍ରଶଂସନୀୟ ପ୍ରଦର୍ଶନ ପାଇଁ ତାଙ୍କୁ ମ୍ୟାଚର ମୋଡ଼ ବଦଳାଇଥିବା ଶ୍ରେଷ୍ଠ ଖେଳାଳି ସମ୍ମାନରେ ସମ୍ମାନିତ କରାଯାଇଥିଲା।

ଶିକ୍ଷକ



'ଶିକ୍ଷକ' ଏପରି ଏକ ନାମ
ଯେଉଁ ନାମ ପ୍ରତ୍ୟେକ ମନ୍ୟୁଷ
ଜୀବନରେ ଦେଖିବକୁ ମିଳନ୍ତି।
ମା' କୁହେ ଛୋଟ ହୁଅନ୍ତୁ ଅବା ବଡ,
ଯେଉଁ ମାନଙ୍କ ଠାରୁ ଆମେ
କିଛି ଶିଖିଥାଉ ସିଏ ହିଁ ଆମଗୁରୁ,
ଆଉ ତାଙ୍କୁ କେବେ ଅସମ୍ମାନ କରିବା
ଠିକ କଥା ନୁହଁ।
କିଛି ଶିକ୍ଷକ ଆସନ୍ତି ଜୀବନରେ
ପୁସ୍ତକ ମଧ୍ୟରେ ଉପଲବ୍ଧ ପାଠକୁ
ସମାପ୍ତ କରାଇବା ପାଇଁ,
ଅନ୍ୟ କିଛି ଶିକ୍ଷକ ଆସନ୍ତି ଯିଏକି
ପୁସ୍ତକ ପାଠ ଅଧ୍ୟୟନ କରାଇବା ସହିତ,
ଜୀବନର ସତ୍ୟ କ'ଣ,
ଜୀବନର ସଂଘର୍ଷ କ'ଣ ଏବଂ
ଜୀବନ ଯୁଦ୍ଧରେ କିପରି ଭାବରେ
ଅଗ୍ରସର କରିବାକୁ ହୋଇଥାଏ,
ତାହାରି ଉପରେ ଶିକ୍ଷା ଦିଅନ୍ତି।
ପାଖରେ ପିତା, ମାତା ଥିଲେ
ପ୍ରତ୍ୟେକ ମନୁଷ୍ୟ ଉନ୍ନତି କରି
ପାରିବ, ଜୀବନରେ ଜଣେ ଶିକ୍ଷକ
ରହିବା ମଧ୍ୟ ନିହାତି ଆବଶ୍ୟକ
ଯିଏ, ପ୍ରତ୍ୟେକ ଛାତ୍ରଛତ୍ରୀ ଙ୍କୁ
ବାଛବିଚାର ନକରି ଶିକ୍ଷା ସହ
ଜୀବନର ନିରାଟ ସତ୍ୟ କ'ଣ
ବୁଝାଇଥାନ୍ତି।

ମଧୁସ୍ମିତା ସାହୁ
କୁରୁଣ୍ଡି, ଢେଙ୍କାନାଳ
ମୋ: ୬୩୭୨୪୯୬୭୦୫

ଆଇନା



ତୁମେ କାହିଁକି ମିଛ କୁହ ନାହିଁ ?
ମୁଁ ଆଇନାକୁ ଦେଖେ,
ମୋ ଘରର ସେ ପୁରୁଣା ଆଇନାକୁ,
ସେ କାହାକୁ ଖୁସି କରିବାକୁ ଚେଷ୍ଟା
କରେ ନା,
କେବଳ ସତ କୁହେ।
ମୁଁ ପଚାରେ - ତୁମେ ଥକି ଯାଅ ନାହିଁ
କି ?
ସମସ୍ତଙ୍କ ଖରାପ ଦେଖି ଦେଖି ?
ସେ ହସେ,
କୁହେ - ସତ କହିବା ତ ମୋର କାମ
ନୁହେଁ,
ସତ କହିବା ହେଉଛି ମୋର ଧର୍ମ।
ଯିଏ ମିଛ କୁହେ, ସେ ଭାଙ୍ଗି ଯାଏ,
ଯିଏ ସତ କୁହେ, ତାକୁ ଲୋକେ ଭାଙ୍ଗି
ଦିଅନ୍ତି।
ଲୋକେ ତା ସାମ୍ନାରେ ଛିଡା ହୋଇ ମୁହଁ
ସଜାଡନ୍ତି,
ସେ ଚୁପ୍ ରହି ମନ ଭିତରକୁ ଦେଖି
ନିଏ।
ଲୋକେ ତାକୁ ଗାଳି ଦିଅନ୍ତି - ତୁ ଖରାପ
ଦେଖାଉଛୁ,
ସେ କହେ - ମୁଁ ତୁମକୁ ଦେଖାଉଛି,
ମୋତେ ନୁହେଁ।
କାରଣ ସେ ଜାଣେ,
ଆଇନା ଭାଙ୍ଗିଗଲେ,
ମଣିଷ ନିଜକୁ ଆଉ କେବେ ଦେଖି
ପାରିବ ନାହିଁ।
ଆମେ ସମସ୍ତେ ଆଇନା ପରି,
କାହାକୁ ଖୁସି କରିବା ପାଇଁ,
ନିଜ ସତକୁ ଲୁଚାଇ,
କେତେ ମିଛ କହି ସାରିଲୁଣି।
ଆଇନା କୁହେ -
ଭାଙ୍ଗି ଯାଅ,
କିନ୍ତୁ ମିଛ ହୋଇ ଯାଅ ନା,
ଯେମିତି ମୁଁ ଭାଙ୍ଗିଲେ ବି ଗୋଟେ
ଗୋଟେ ଖଣ୍ଡରେ ବି ସତ ଦେଖାଏ।
ସତ କହିଲେ ହିଁ ଲୋକେ ରାଗିବେ,
ରାଗିଲେ ହିଁ ତୁମେ ଜାଣିବ କିଏ ତୁମର।
ତେଣୁ ମୁଁ ଏବେ ଲୁଚାଏ ନା,
ମୁଁ ଦେଖାଏ,
ଧୀରେ ଧୀରେ, ନୀରବରେ, ନିଜ
ବାଟରେ।

ସୁଶ୍ରୀ ରୋଜାଲିନ ପ୍ରଧାନ
ନାକଚି, ଅନୁଗୁଳ

ସତୀଙ୍କ ସାଥୀ

ତା' ରକ୍ତିମ ପାଦରେ
ଘୁଙ୍ଗୁରର ରୁଣୁଝୁଣୁ ଶବ୍ଦ,
ମୋ କଟି ବନ୍ଧ ପରେ
ରୁଦ୍ରାକ୍ଷର ଘିଡ଼ିଘିଡ଼ି ନାଦ,
ସଂସାରର କଳଙ୍କ।
ତୋ ଦେହେ ନ ଲାଗୁ ବୋଲି
ପାପୁଲିରେ ରଖିଛି ତୋ ପାଦ,
ସାତ ଜନ୍ମ ସାଥି ହୋଇ
ଶତ ଜନ୍ମ ତୋ ସାଥିରେ
ଆଜନ୍ମ ମୁଁ 'ମୋ ସାଥରେ'
ରହିବାର କରିଅଛି ପଣ
ଦେଖିଅଛି ସୁନେଲି ସପନ।
ତୁ କହିଲୁ,
ଶିବ ହୋଇ ଶବ ସାଜି
କରିଥିଲି ଗ୍ରହକୁ ତାରଣ
ତଥାପି ସର୍ବଦା ସ୍ମରି


ରାଇରଞ୍ଜନ ନନ୍ଦ
ପୋଲସରା, ଗଞ୍ଜାମ

ଜାତୀୟ ଚେତନା
JATIYA CHETANA

ମହାକାବ୍ୟ 'ରାମାୟଣ'ର ବକ୍ସ ଅଫିସ୍ ଧମାକା

ବଲିଉଡ଼୍ ଅଭିନେତା ରଣବୀର କପୁର, ସାଇ ପଲ୍ଲବୀ, ୟଶ ଏବଂ ରବି ଦୁବେଙ୍କ ଅଭିନୀତ ବହୁପ୍ରତୀକ୍ଷିତ ଫିଲ୍ମ 'ରାମାୟଣ: ପାର୍ଟ ୱାନ୍' ପ୍ରେକ୍ଷାଳୟକୁ ଆସିବା ପରେ ବକ୍ସ ଅଫିସରେ ଧନବର୍ଷା ଆରମ୍ଭ ହୋଇଯାଇଛି। ନଭେମ୍ବର ୫ ତାରିଖ ଦିନ ମୁକ୍ତିଲାଭ କରିଥିବା ଏହି ଚଳଚ୍ଚିତ୍ରଟିକୁ ଦର୍ଶକଙ୍କ ସକାରାତ୍ମକ ପ୍ରତିକ୍ରିୟା ସହ ପ୍ରବଳ ଭଲପାଇବା ମିଳୁଛି। ବିଶେଷ କରି ଧନତେରସ ଏବଂ ଦୀପାବଳି ଛୁଟି ସମୟରେ ଫିଲ୍ମଟି ପ୍ରଥମ ଦୁଇ ଦିନ ମଧ୍ୟରେ ହିଁ ବକ୍ସ ଅଫିସରେ ୧୦୦ କୋଟି ଟଙ୍କାର ସୀମା ପାର୍ କରିବା ସହ ବିଶ୍ୱବ୍ୟାପୀ ଆୟରେ ୨୦୦ କୋଟିରୁ ଅଧିକ ଟଙ୍କାର କାରୋବାର କରି ଏକ ଐତିହାସିକ ରେକର୍ଡ ସୃଷ୍ଟି କରିଛି।

ଫିଲ୍ମଟି ପ୍ରଥମ ଦିନରେ ବିଶ୍ୱବ୍ୟାପୀ ୧୨୭.୫୦ କୋଟି ଟଙ୍କାର ଚମତ୍କାର ଓପନିଂ କରିଥିଲା। ଭାରତୀୟ ବକ୍ସ ଅଫିସରେ ପ୍ରଥମ ଦିନରେ ଏହା ୬୪.୮୫ କୋଟି ଟଙ୍କା ଆୟ କରିଥିଲା। ଦ୍ୱିତୀୟ ଦିନ ଅର୍ଥାତ୍ ଧନତେରସ୍ ଦିନ କାର୍ଯ୍ୟଦିବସ ହେତୁ ଆୟରେ ପ୍ରଥମ ଦିନ ଅପେକ୍ଷା ୨୫.୯ ପ୍ରତିଶତ ହ୍ରାସ ପରିଲକ୍ଷିତ ହୋଇଥିଲା। ତଥାପି ଦ୍ୱିତୀୟ ଦିନରେ ଫିଲ୍ମଟି ଭାରତରେ ୪୮.୦୫ କୋଟି ଟଙ୍କାର ନେଟ୍ କଲେକ୍ସନ କରିବାରେ ସଫଳ ହୋଇଛି। ଏହା ସହିତ ଦୁଇ ଦିନ ମଧ୍ୟରେ ଭାରତୀୟ ବକ୍ସ ଅଫିସରେ ଏହାର ମୋଟ ନେଟ୍ ଆୟ ୧୧୨.୯୦ କୋଟି ଟଙ୍କାରେ ପହଞ୍ଚିଥିବା ବେଳେ ମୋଟ ଗ୍ରସ୍ ଆୟ ୧୩୪.୮୦ କୋଟି ଟଙ୍କା ହୋଇଛି। ବିଦେଶୀ ପ୍ରେକ୍ଷାଳୟରେ ମଧ୍ୟ ଭଗବାନ ରାମଙ୍କ ଏହି ମହାକାବ୍ୟ କାହାଣୀ ପ୍ରତି ବିଶ୍ୱବ୍ୟାପୀ ଦର୍ଶକଙ୍କ ପ୍ରବଳ ଆଗ୍ରହ ଦେଖିବାକୁ ମିଳିଛି। ଦ୍ୱିତୀୟ ଦିନରେ ବିଦେଶରୁ ୩୫ କୋଟି ଟଙ୍କା ଆୟ ହୋଇଥିବା ବେଳେ ଦୁଇ ଦିନରେ ମୋଟ ବିଦେଶୀ ଆୟ ୮୬.୨୫ କୋଟି ଟଙ୍କାରେ ପହଞ୍ଚିଛି। ଫଳରେ ଦୁଇ ଦିନ ମଧ୍ୟରେ ଫିଲ୍ମର ସର୍ବମୋଟ ବିଶ୍ୱବ୍ୟାପୀ ଗ୍ରସ୍ ଆୟ ୨୨୧.୦୫ କୋଟି ଟଙ୍କା ହୋଇପାରିଛି। ଭାଷା ଅନୁଯାୟୀ ପ୍ରଦର୍ଶନକୁ ଦେଖିଲେ ହିନ୍ଦୀ ସଂସ୍କରଣରୁ ସିଂହଭାଗ ଆୟ ଆସିଛି। ହିନ୍ଦୀ ଭାଷାରେ ପ୍ରାୟ ୧୯,୮୫୯ଟି ପ୍ରଦର୍ଶନ ମାଧ୍ୟମରେ ଦ୍ୱିତୀୟ ଦିନରେ ୩୫.୫୦ କୋଟି ଟଙ୍କା ଆୟ ହୋଇଛି। ଏହା ପଛକୁ କନ୍ନଡ଼ ଭାଷାରେ ୯୦୪ଟି ପ୍ରଦର୍ଶନରୁ ୫.୧୫ କୋଟି, ତେଲୁଗୁ ଭାଷାରେ ୧,୫୩୦ଟି ପ୍ରଦର୍ଶନରୁ ୪.୭୫ କୋଟି, ତାମିଲ ଭାଷାରେ ୫୭୭ଟି ପ୍ରଦର୍ଶନରୁ ୧.୫୦ କୋଟି ଏବଂ ମାଲାୟାଲମ୍ ଭାଷାରେ ୪୪୬ଟି ପ୍ରଦର୍ଶନ ମାଧ୍ୟମରେ ୧.୧୫ କୋଟି ଟଙ୍କା ସଂଗୃହିତ ହୋଇଛି। ଦ୍ୱିତୀୟ ଦିନରେ ଭାରତରେ ମୋଟ ୨୩,୩୧୬ଟି ପ୍ରଦର୍ଶନରେ ଏହି ଫିଲ୍ମଟି ଦେଖାଯାଇଥିଲା। ପୂର୍ବରୁ ମୁକ୍ତିଲାଭ କରିଥିବା ମହାକାବ୍ୟ ଆଧାରିତ ଫିଲ୍ମ 'ଆଦିପୁରୁଷ' ସହ ତୁଳନା କଲେ, 'ରାମାୟଣ' ପ୍ରଥମ ଦିନରେ 'ପଠାନ୍', 'ଆନିମଲ୍' ଏବଂ 'ଦୃଶ୍ୟମ୍ ୨' ପରି ବ୍ଲକବଷ୍ଟର ଫିଲ୍ମଗୁଡ଼ିକର ଆୟକୁ ପଛରେ ପକାଇଥିଲେ ହେଁ 'ଆଦିପୁରୁଷ'ର ପ୍ରଥମ ଦିନର ୮୬.୭୫ କୋଟି ଓ ଦୁଇ ଦିନର ୧୫୧ କୋଟି ଟଙ୍କାର ନେଟ୍ ଆୟ ସହ ସମକକ୍ଷ ହୋଇପାରିନାହିଁ। ତେବେ 'ଆଦିପୁରୁଷ' ଶୁକ୍ରବାର ରିଲିଜ୍ ହୋଇ ଶନିବାର ଦ୍ୱିତୀୟ ଦିନ ପାଇଥିବା ବେଳେ 'ରାମାୟଣ' ଗୁରୁବାର କାର୍ଯ୍ୟଦିବସରେ ରିଲିଜ୍ ହୋଇଥିବାରୁ ଏହି ପାର୍ଥକ୍ୟ ଦେଖାଯାଇଛି। ସପ୍ତାହାନ୍ତ ଶନିବାର ଓ ରବିବାର ଛୁଟିଦିନରେ ଏହାର ଆୟ ଅଭୂତପୂର୍ବ ଭାବେ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି। ନିତେଶ ତିୱାରୀଙ୍କ ନିର୍ଦ୍ଦେଶନା ଏବଂ ନମିତ ମଲହୋତ୍ରାଙ୍କ ପ୍ରଯୋଜନାରେ ନିର୍ମିତ ପ୍ରାୟ ୪,୦୦୦ କୋଟି ଟଙ୍କା ବଜେଟର ଏହି ଦୁଇ ଭାଗ ବିଶିଷ୍ଟ ଚଳଚ୍ଚିତ୍ରରେ ରଣବୀର କପୁର ପ୍ରଭୁ ଶ୍ରୀରାମ, ସାଇ ପଲ୍ଲବୀ ମାତା ସୀତା, ୟଶ ରାବଣ ଏବଂ ସନ୍ନି ଦେଓଲ ପ୍ରଭୁ ହନୁମାନଙ୍କ ଭୂମିକାରେ ଅଭିନୟ କରିଛନ୍ତି। ଏହା ବ୍ୟତୀତ ଲାରା ଦତ୍ତା, ଶିବା ଚଡ୍ଢା, କାଜଲ ଅଗ୍ରୱାଲ, ଅରୁଣ ଗୋଭିଲ, ଶୋଭନା ଏବଂ ବିବେକ ଓବରଏ ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଛନ୍ତି। ଏ.ଆର୍. ରହମାନ ଓ ହାନ୍ସ ଜିମର୍‌ଙ୍କ ସଙ୍ଗୀତ ଏବଂ ପ୍ରସିଦ୍ଧ



ସଂସ୍ଥା 'ଡିଏନ୍‌ଇଜି'ର ଭିଜୁଆଲ୍ ଇଫେକ୍ଟସ୍ ଫିଲ୍ମଟିକୁ ଏକ ନୂଆ ଉଚ୍ଚତା ଦେଇଛି। ପ୍ରଥମ ଭାଗର କାହାଣୀ ସୀତା ହରଣ ଏବଂ ଜଟାୟୁଙ୍କ ମୃତ୍ୟୁ ପରେ ପ୍ରଭୁ ରାମଙ୍କ ସୀତାଙ୍କୁ ଫେରାଇ ଆଣିବାର ଦୃଢ଼ ସଂକଳ୍ପ ସହ ଶେଷ ହୋଇଥିବା ବେଳେ, ଏହାର ଦ୍ୱିତୀୟ ଭାଗ ୨୦୨୭ ଦୀପାବଳିରେ ମୁକ୍ତିଲାଭ କରିବ।



ଐଶ୍ୱର୍ଯ୍ୟା-ଅଭିଷେକଙ୍କ ରୋମାଣ୍ଟିକ୍ ଅନ୍ଦାଜ୍

ବଲିଉଡ଼୍‌ର ଚର୍ଚ୍ଚିତ ପ୍ରସିଦ୍ଧ ଫ୍ୟାଶନ୍ ଡିଜାଇନର୍ ମନୀଷ ମଲହୋତ୍ରାଙ୍କ ଦୀପାବଳି ପାର୍ଟିରେ ଷ୍ଟାର୍ ଯୋଡ଼ି ଐଶ୍ୱର୍ଯ୍ୟା ରାୟ ବଚ୍ଚନ ଏବଂ ଅଭିଷେକ ବଚ୍ଚନଙ୍କ ଉପସ୍ଥିତି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି। ରଙ୍ଗବେରଙ୍ଗର ଆଲୋକ ଏବଂ ବଲିଉଡ଼ର ଗ୍ଲାମର ଭରା ଏହି ମନୋରଞ୍ଜନପୂର୍ଣ୍ଣ ସନ୍ଧ୍ୟାରେ ଯେତେବେଳେ ଦୁହେଁ ହାତରେ ହାତ ଧରି ପ୍ରବେଶ କରିଥିଲେ, ସେତେବେଳେ ସେଠାରେ ଉପସ୍ଥିତ ସମସ୍ତ ଗଣମାଧ୍ୟମ ଓ ଦର୍ଶକଙ୍କ ନଜର ସେମାନଙ୍କ ଉପରେ ଅଟକି ଯାଇଥିଲା। ଲାଲ୍ ରଙ୍ଗର ସୁନ୍ଦର କାରୁକାର୍ଯ୍ୟଭରା ପାରମ୍ପରିକ ଶାଢ଼ିରେ ଐଶ୍ୱର୍ଯ୍ୟାଙ୍କ ଅପୂର୍ବ ସୌନ୍ଦର୍ଯ୍ୟ ଏବଂ କଳା ରଙ୍ଗର ପୋଷାକରେ ଅଭିଷେକଙ୍କ ଆକର୍ଷଣୀୟ ଅନ୍ଦାଜ ସମସ୍ତଙ୍କୁ ମୁଗ୍ଧ କରିଥିଲା। କ୍ୟାମେରା ସାମ୍ନାରେ ଦୁହିଁଙ୍କର ହସଖୁସି ଓ ମସ୍ତିଭରା ମୁହୂର୍ତ୍ତ ଏବେ ସାମାଜିକ ଗଣମାଧ୍ୟମରେ ପ୍ରବଳ ଚର୍ଚ୍ଚାର ବିଷୟ ପାଲଟିଛି। କେତେବେଳେ ଐଶ୍ୱର୍ଯ୍ୟା ଅଭିଷେକଙ୍କ ବାହୁରେ ରହି ହସୁଥିବାର ଦେଖାଯାଉଛନ୍ତି ତ ଆଉ କେତେବେଳେ ଦୁହେଁ ଏକାଠି ରୋମାଣ୍ଟିକ୍ ପୋଜ୍ ଦେଉଛନ୍ତି, ଯାହା ସେମାନଙ୍କ ପ୍ରଶଂସକଙ୍କ ମନରେ ଅପାର ଖୁସି ଭରିଦେଇଛି।

ଐଶ୍ୱର୍ଯ୍ୟା ଓ ଅଭିଷେକଙ୍କ ପ୍ରେମ କାହାଣୀ ସିନେମାର କାହାଣୀ ଭଳି ବେଶ୍ ଆକର୍ଷଣୀୟ। ଫିଲ୍ମ ସେଟ୍‌ରୁ ଆରମ୍ଭ ହୋଇଥିବା ସେମାନଙ୍କ ଗଭୀର ବନ୍ଧୁତା ଧୀରେ ଧୀରେ ପ୍ରେମରେ ରୂପାନ୍ତରିତ ହୋଇଥିଲା। 'ଗୁରୁ' ଫିଲ୍ମର ସୁଟିଂ ସମୟରେ ଦୁହିଁଙ୍କ ନିକଟତା ବୃଦ୍ଧି ପାଇବା ପରେ, ୨୦୦୭ ମସିହା ଏପ୍ରିଲ୍ ୨୦ ତାରିଖରେ ମୁମ୍ବାଇସ୍ଥିତ ବଚ୍ଚନ ପରିବାରର ବାସଭବନ 'ପ୍ରତୀକ୍ଷା'ରେ ସେମାନଙ୍କର ଶୁଭ ବିବାହ ସମ୍ପନ୍ନ ହୋଇଥିଲା। ଏହି ବିବାହ ସେତେବେଳେ ଭାରତୀୟ ସିନେଜଗତର ସବୁଠାରୁ ଚର୍ଚ୍ଚିତ ବିବାହ ଭାବେ ଗ୍ରହଣ କରାଯାଇଥିଲା। ପରବର୍ତ୍ତୀ ସମୟରେ ୨୦୧୧ ମସିହାରେ କନ୍ୟା ଆରାଧ୍ୟାଙ୍କ ଜନ୍ମ ପରେ ସେମାନଙ୍କ ସଂସାର ଆହୁରି ଖୁସିରେ ଭରିଯାଇଥିଲା। ଦୀର୍ଘ ବର୍ଷର ଏହି ସମ୍ପର୍କ ପାଇଁ ଦର୍ଶକ ଓ ପ୍ରଶଂସକଙ୍କ ହୃଦୟରେ ଆଜି ବି ଅଶେଷ ଭଲପାଇବା ରହିଛି । ତେବେ ଗତ କିଛି ସମୟ ଧରି ସୋସିଆଲ୍ ମିଡିଆ ଓ ବିଭିନ୍ନ ଗଣମାଧ୍ୟମରେ ଏହି ଯୋଡ଼ିଙ୍କ ସମ୍ପର୍କକୁ ନେଇ ନାନା ଗୁଜବ ଓ ଅନୁମାନ ଲାଗିରହିଥିଲା। ବିଭିନ୍ନ ସାବଜନୀନ କାର୍ଯ୍ୟକ୍ରମରେ ଦୁହେଁ ଅଲଗା ଅଲଗା ପହଞ୍ଚିବା ଏବଂ ଛାଡ଼ପତ୍ର ନେବା ନେଇ ଚର୍ଚ୍ଚା ଜୋର୍ ଧରିଥିଲା, ଯଦିଓ ଏହି ସବୁ ସମ୍ବେଦନଶୀଳ ଖବର ଉପରେ ଦୁହିଁଙ୍କ ପକ୍ଷରୁ କୌଣସି ଆନୁଷ୍ଠାନିକ ସ୍ପଷ୍ଟୀକରଣ ଦିଆଯାଇନଥିଲା। ଏବେ ମନୀଷ ମଲହୋତ୍ରାଙ୍କ ଦୀପାବଳି ଉତ୍ସବରେ ଏକାଠି ହାତ ଧରି ପ୍ରବେଶ କରିବା, ମଜାଦାର ସମୟ ବିତାଇବା ଏବଂ ସାଙ୍ଗ ହୋଇ ହସଖୁସିର ମୁହୂର୍ତ୍ତ ସାଉଣ୍ଟିବା ଦୃଶ୍ୟ ସେହି ସବୁ ଗୁଜବର ସମ୍ପୂର୍ଣ୍ଣ ଅନ୍ତ ଘଟାଇଛି ଏବଂ ପ୍ରଶଂସକଙ୍କ ଆଶା ଓ ଭରସାକୁ ପୁନର୍ବାର ସୁଦୃଢ଼ କରିଛି।

ମାତ୍ର ୧୧ ଟଙ୍କାରେ ଦେଖିପାରିବେ ନୂଆ ଫିଲ୍ମ 'ମାତୃଭୂମି'

ବଲିଉଡ଼ର ଚର୍ଚ୍ଚିତ ଅଭିନେତା ସଲମାନ ଖାନ ନିଜ ପ୍ରଶଂସକ ତଥା ବରିଷ୍ଠ ନାଗରିକଙ୍କ ପାଇଁ ଏକ ମନଛୁଆଁ ଘୋଷଣା କରି ସମସ୍ତଙ୍କ ହୃଦୟ ଜିଣିଛନ୍ତି। ତାଙ୍କର ଆଗାମୀ ବହୁପ୍ରତୀକ୍ଷିତ ଫିଲ୍ମ 'ମାତୃଭୂମି'ର ଟ୍ରେଲର ଉନ୍ମୋଚନ କାର୍ଯ୍ୟକ୍ରମରେ ଅଭିନେତା ଏହି ସୂଚନା ଦେଇଛନ୍ତି। ୭୫ ବର୍ଷରୁ ଅଧିକ ବୟସ୍କ ବରିଷ୍ଠ ନାଗରିକମାନେ ମାତ୍ର ୧୧ ଟଙ୍କାର ଶଗୁନ ମୂଲ୍ୟ ଦେଇ ପ୍ରେକ୍ଷାଳୟରେ ଏହି ଫିଲ୍ମଟିକୁ ଦେଖିପାରିବେ ବୋଲି ସେ ପ୍ରକାଶ କରିଛନ୍ତି। ଗଣମାଧ୍ୟମ ସହ କଥାବାର୍ତ୍ତା ବେଳେ ସଲମାନ କହିଛନ୍ତି ଯେ ବରିଷ୍ଠ ନାଗରିକମାନଙ୍କ ସମ୍ମାନାର୍ଥେ ଟିକେଟ୍ ମୂଲ୍ୟକୁ ଏତେ କମ୍ ରଖାଯାଇଛି, ଯାହାଦ୍ୱାରା ଯୁବପିଢ଼ି ନିଜ ଜେଜେବାପା, ଜେଜେମାଆ, ଅଜା ଓ ଆଈଙ୍କୁ ସାଙ୍ଗରେ ନେଇ ପ୍ରେକ୍ଷାଳୟରେ ଫିଲ୍ମର ଆନନ୍ଦ ନେଇପାରିବେ।

ଏହି କାର୍ଯ୍ୟକ୍ରମ ଅବସରରେ ସଲମାନ ଫିଲ୍ମର ରିଲିଜ୍‌ରେ ବିଳମ୍ବ, ଦୃଶ୍ୟର ପୁନଃ ସୁଟିଂ ଏବଂ ସରକାରୀ ଅନୁମତିକୁ ନେଇ ଚାଲିଥିବା ବିଭିନ୍ନ ଗୁଜବ ଓ ଚର୍ଚ୍ଚାର ଅନ୍ତ ଘଟାଇଛନ୍ତି। ଏସବୁ ଖବରକୁ ସମ୍ପୂର୍ଣ୍ଣ ଭିତ୍ତିହୀନ ଓ ଅସତ୍ୟ ବୋଲି କହିବା ସହ ସେ ସ୍ପଷ୍ଟ କରିଛନ୍ତି ଯେ ଏହି ଚଳଚ୍ଚିତ୍ରଟି ସମ୍ପୂର୍ଣ୍ଣ ଭାବେ ଆମର ବୀର ସୈନିକ ଏବଂ ସେମାନଙ୍କ ପରିବାରର ତ୍ୟାଗ ଓ ସଂଘର୍ଷକୁ ଆଧାର କରି ନିର୍ମାଣ କରାଯାଇଛି। ସୈନିକମାନେ କେଉଁଭଳି କଠିନ ପରିସ୍ଥିତିରେ ଦେଶ ରକ୍ଷା କରନ୍ତି, ତାହା ଏଥିରେ ଜୀବନ୍ତ ଭାବେ ପ୍ରଦର୍ଶିତ ହୋଇଛି। ଏଥିରେ କୌଣସି ନକାରାତ୍ମକ ଚରିତ୍ର କିମ୍ବା ଶକ୍ତି ନାହିଁ, କେବଳ ସୈନିକମାନେ ସାମ୍ନା କରୁଥିବା ବିଷମ ପରିସ୍ଥିତି ହିଁ ମୁଖ୍ୟ ବିଷୟବସ୍ତୁ। ସୂଚନାଯୋଗ୍ୟ, ପୂର୍ବରୁ ଏହି ଫିଲ୍ମଟିର ନାମ 'ବ୍ୟାଟଲ୍ ଅଫ୍ ଗଲୱାନ' ରଖାଯିବାକୁ ଯୋଜନା ହୋଇଥିଲା। ୨୦୨୦ ଜୁନ୍ ମାସରେ ଭାରତ ଓ ଚୀନ୍ ସୈନ୍ୟଙ୍କ ମଧ୍ୟରେ ଘଟିଥିବା ଐତିହାସିକ ଗଲୱାନ ଘାଟି ସଂଘର୍ଷର ସତ୍ୟ ଘଟଣାରୁ ଏହି ଫିଲ୍ମର କାହାଣୀ ପ୍ରେରିତ ହୋଇଛି। ଫିଲ୍ମରେ ସଲମାନ ଖାନ ୧୬ ବିହାର ରେଜିମେଣ୍ଟର କମାଣ୍ଡିଂ ଅଫିସର କର୍ଣ୍ଣେଲ ସନ୍ତୋଷ ବାବୁଙ୍କ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି, ଯିଏ ଗଲୱାନ ଘାଟିରେ ଶତ୍ରୁ ସୈନ୍ୟଙ୍କ ସହ ବୀରତ୍ୱର ସହ ଲଢ଼େଇ କରି ଭାରତୀୟ ଯବାନଙ୍କ ନେତୃତ୍ୱ ନେଇଥିଲେ। ଏହି ଚଳଚ୍ଚିତ୍ରଟି ଆସନ୍ତା ଡିସେମ୍ବର ୪ ତାରିଖରେ ଦେଶବ୍ୟାପୀ ସିନେମା ହଲ୍‌ଗୁଡ଼ିକରେ ମୁକ୍ତିଲାଭ କରିବାକୁ ଯାଉଥିବା ବେଳେ ଦର୍ଶକଙ୍କ ମଧ୍ୟରେ ଏହାକୁ ନେଇ ଅଭୂତପୂର୍ବ ଉତ୍ସାହ ପ୍ରକାଶ ପାଇଛି।



Printed & Published by Shri Soubhagya Kumar Mohanty on behalf of Shri Tapan Bihari Bhanja published at Plot. No- 511, Nayapalli, Bhubaneswar -751012
Printed at Ray Publications, Plot No.17, Rajarani, Lewis Road, Bhubaneswar-751014, Mob-9439863842. E-mail: **jatiyachetana@gmail.com, jatiyachetana@yahoo.com,**
Chief Advisor: Pradosh Pattnaik ମୁଖ୍ୟ ଉପଦେଷ୍ଟା: ପ୍ରଦୋଷ ପଟ୍ଟନାୟକ **Editor: Tapan Bihari Bhanja** ସମ ସମ୍ପାଦକ: ତପନ ବିହାରୀ ଭଞ୍ଜ